

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୩ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 03 August 2026

Vol.No. 36 ■ No.202 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ: ଟ୍ୱିନ୍ ସିଟିରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୦୨/୮ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଗସ୍ତକୁ ନେଇ ସବୁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ପୁଲିସଠୁ ପ୍ରସାଶନ ସୁରକ୍ଷା ବ୍ୟବସ୍ଥା ସହ ଗସ୍ତକୁ ନେଇ ଟିକିନିଖି ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି। ବଡ଼ କଥା ହେଉଛି ଏଥର ରାଷ୍ଟ୍ରପତି ଭୁବନେଶ୍ୱରରୁ ବ୍ରହ୍ମପୁର ଟ୍ରେନରେ ଯାତାୟତ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ କାରକେଡ ରିହର୍ସାଲ୍ କରିଛି କମିସନରେଟ ପୁଲିସ। ଏୟାରପୋର୍ଟଠୁ ରେଳ ଷ୍ଟେସନ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ୩ ଦିନିଆ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ



କରାଯାଇଛି । ସୁରକ୍ଷା ଦାୟିତ୍ୱରେ ରହିବେ ପ୍ରାୟ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ । ସୋମବାର ମଧ୍ୟାନ ୨ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ସେଠାରୁ କଟକ ମୁଣ୍ଡଳୀରେ ଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକ ଭବନକୁ ଫେରିବେ। ସୋମବାର ଲୋକଭବନରେ ରାତି କାଟିବା ପରେ ମଙ୍ଗଳବାର ବ୍ରହ୍ମପୁର ଗସ୍ତରେ ବାହାରିବେ। ମଙ୍ଗଳବାର ୯ଟାରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବ୍ରହ୍ମପୁର ଅଭିମୁଖେ ବାହାରିବେ ମହାମହିମ। ପ୍ରାୟ ଦୁଇ ଘଣ୍ଟା ୧୦ ମିନିଟର ଯାତ୍ରା ପରେ ବ୍ରହ୍ମପର ରେଳ ଷ୍ଟେସନରେ ପହଂଚିବେ। ସେଠାରୁ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତରେ ଥିବା ତପ୍ତପାଣି ଉଷ୍ମ ପ୍ରସବଣରେ ଥିବା ମା କନ୍ଧୁଣି ଦେବୀଙ୍କ ପିଠକୁ ଯିବେ। ମା'ଙ୍କୁ ଦର୍ଶନ କରିବା ସହ ଲୋକଙ୍କ ସହ ସମୟ ବିତାଇବେ। ତପ୍ତପାଣିରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବି ଉପସ୍ଥିତ ରହିବେ। କାର୍ଯ୍ୟକ୍ରମ ସରିବା ପରେ ସେଠାରୁ ଆର୍ମି ଏଡି କଲେଜ ଯାଇ ଡିନର କରିବେ ଏବଂ ରାତ୍ରୀଯାପନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇ ତପ୍ତପାଣି ପୀଠ ସହିତ, ଆର୍ମି ଏଡି କଲେଜ ଫେରିବା ରାସ୍ତାକୁ ନୋ ଫ୍ଲାଇଙ୍ଗ ଜୋନ ଘୋଷଣା କରାଯାଇଛି। ଯାନବାହାନ ଚଳାଚଳ ନେଇ କଟକଣା ଜାରି ହୋଇଛି। ବୁଧବାର ସକାଳ ୧୦ଟା ୨୦ ମିନିଟରେ ବ୍ରହ୍ମପୁର ରେଳ ଷ୍ଟେସନରୁ ପୁଣି ଟ୍ରେନ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନ ଫେରିବେ। ଭୁବନେଶ୍ୱର ରେଳ ଷ୍ଟେସନରୁ ସିଧା ବିମାନବନ୍ଦର ଯିବେ। ମଧ୍ୟାନ ୧ ଟା ୦୫ ମିନିଟରେ ଭୁବନେଶ୍ୱର ବିମାନବନ୍ଦରରୁ ପୁଣି ଦିଲ୍ଲୀ ଅଭିମୁଖେ ଯିବେ ରାଷ୍ଟ୍ରପତି।

## କେରଳ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି: ୮ ଜଣ ନିଖୋଜ

ନୂଆଦିଲ୍ଲୀ, ୨/୮ : କେରଳରେ ଶନିବାର ହୋଇଥିବା ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ଜଳବନ୍ଦି ସମସ୍ୟା ଯୋଗୁଁ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏହା ସହିତ ୮ ଜଣ ବ୍ୟକ୍ତି ଏବେ ମଧ ନିଖୋଜ ଅଛନ୍ତି ଏବଂ ୧୩ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭି ଡି ସତୀଶନ ଏକ ବିବୃତିରେ କହିଛନ୍ତି ଯେ ରାଜ୍ୟରେ ବ୍ୟାପକ ସମ୍ପତ୍ତି ନଷ୍ଟ ହେବା ସହ ୨୭ଟି ଘର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଛି ଏବଂ ୧୯୬ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା



ପ୍ରଭାବିତ ଅଞ୍ଚଳରୁ ୫,୭୯୨ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ରାଜ୍ୟ ସାରା ଖୋଲାଯାଇଥିବା ୨୦୯ଟି ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ସରକାର ମୃତକଙ୍କ ପରିବାର ଏବଂ ବାସଗୃହ ତଥା ଜୀବିକା ହରାଇଥିବା ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ◆◆ପୃଷ୍ଠା ୭

## ଓଡ଼ିଶାରେ ବନ୍ୟା ସ୍ଥିତିରେ ସୁଧାର, କ୍ଷୟକ୍ଷତି ଆକଳନ ଆରମ୍ଭ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୨/୮ (ନି.ପ୍ର): ଓଡ଼ିଶାରେ ବନ୍ୟା ସ୍ଥିତିକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିକ୍ରିୟା । କହିଲେ , ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି । ବନ୍ୟା ଜଳ ଛାଡ଼ିବା ପରେ ଏବେ କ୍ଷୟକ୍ଷତିର ଆକଳନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀମାନେ ଫିଲ୍ଡକୁ ଓହ୍ଲାଇ କ୍ଷୟକ୍ଷତିର ସର୍ଭେ କରୁଛନ୍ତି । ବିଶେଷ କରି ଚାଷ, ଘର ଏବଂ ସରକାରୀ ସମ୍ପତ୍ତିର କେତେ କ୍ଷତି ହୋଇଛି, ସେ ନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାମ୍ପ୍ରତିକ ବନ୍ୟାରେ ରାଜ୍ୟର ପ୍ରାୟ ୨୨ଟି ଜିଲ୍ଲା ଏବଂ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି । ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ◆◆ପୃଷ୍ଠା ୭

## ବନ୍ୟା ପରେ ବଢ଼ିବାରେ ଲାଗିଛି ଥଣ୍ଡା, ଜ୍ୱର: ପାଣି ମିଳୁନଥିବାରୁ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା

ଭୁବନେଶ୍ୱର, ୦୨/୮ (ନି.ପ୍ର): ବନ୍ୟା ପାଣି ଛାଡୁଛି କିନ୍ତୁ ବଢୁଛି ରୋଗ ଭୟ। ବନ୍ୟା ପ୍ରଭାବରେ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ସେପଟେ ବିଭିନ୍ନ ସ୍ଥାନରେ ହସ୍ପିଟାଲଗୁଡିକ ପାଣିରେ ବୁଡ଼ି ଯାଇଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। କେହି ଅସୁସ୍ଥ ହେଲେ, ବଢୁଛି ଚିନ୍ତା । ପାଣିରେ ବୁଡ଼ିଛି ହସ୍ପିଟାଲ। ଚାଲୁଛି ଅଣ୍ଟାଏ ଉଚ୍ଚର ପାଣି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓସ୍ତିଆ ଗାଁର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଏହି ଦୃଶ୍ୟରୁ



ସ୍ପଷ୍ଟ ହେଉଛି ବନ୍ୟା କେମିତି ଦାଉ ସାଧିଛି। ମେଡିକାଲରେ ପାଣି ପଶିଯିବାରୁ ବାଧାପ୍ରାପ୍ତ ହୋଇଛି ରୋଗୀ ସେବା। ସ୍ଥିତିକୁ ଦେଖି ମେଡିକାଲ କର୍ତ୍ତୃପକ୍ଷ ଅନ୍ୟଏକ ଅସ୍ଥାୟୀ ଘରକୁ ଔଷଧ ପତ୍ର ଓ ପ୍ରାଥମିକ ଚିକିତ୍ସା ଉପକରଣ ସ୍ଥାନାନ୍ତର କରିଛନ୍ତି। କିନ୍ତୁ ସେଠି ରୋଗୀଙ୍କୁ ରଖିବା ସୁବିଧା ନଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ◆◆ପୃଷ୍ଠା ୭

## ଓଡ଼ିଶାରେ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ: ସାମିଲ ହେଲେ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକଯୁବତୀ

ଭୁବନେଶ୍ୱର, ୦୨/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତି ଅଭିଯାନ - ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ



ଭାରତ' ଦ୍ୱାରା ପରିଚାଳିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ◆◆ପୃଷ୍ଠା ୭

## ନେପାଳର ସପ୍ତରୀ ଜିଲ୍ଲାର ଅନେକ ଅଂଚଳରେ କର୍ଫ୍ୟୁ ଜାରି

ନୂଆଦିଲ୍ଲୀ, ୨/୮ : ସପ୍ତରୀ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଆଜି ଜିଲ୍ଲାର ଅଧିକାଂଶ ଅଂଚଳରେ କର୍ଫ୍ୟୁ ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ତଥାପି, ନାଗରିକ ମାନଙ୍କୁ ଅତ୍ୟାବଶ୍ୟକୀୟ ଦୈନନ୍ଦିନ ଜିନିଷପତ୍ର କିଣିବାକୁ ଅନୁମତି ଦେବା ପାଇଁ, ଆଜି ସକାଳ ୭:୦୦ ରୁ ରାତି ୧୦:୦୦ ପର୍ଯ୍ୟନ୍ତ କର୍ଫ୍ୟୁରେ କୋହଳ କରାଯାଇଛି। ସପ୍ତରୀ ଜିଲ୍ଲା ପ୍ରଶାସନ ସମସ୍ତଙ୍କୁ କର୍ଫ୍ୟୁକୁ ସମ୍ପୂର୍ଣ୍ଣ ପାଳନ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ସମାପ୍ତ ହେବା ପରେ ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଛି।

## ନିଟ୍ ପିଜି-୨୦୨୬ ପାଇଁ କଡ଼ା ସୁରକ୍ଷା: ଏଥର ଗୋଟିଏ ପର୍ଯ୍ୟାୟରେ ପରୀକ୍ଷା

ନୂଆଦିଲ୍ଲୀ, ୦୨/୮ (ନି.ପ୍ର): ନିଟ୍ ପିଜି-୨୦୨୬ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଅଗଷ୍ଟ ୩୦ ତାରିଖ ରବିବାର ସକାଳ ୯ଟାରୁ ଅପରାହ୍ଣ ୧୨ଟା ୩୦ ପର୍ଯ୍ୟନ୍ତ ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କୁ ସକାଳ ୭ଟାରୁ କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ଏବଂ ସାଢ଼େ ୮ଟାରେ ପ୍ରବେଶଦ୍ୱାର ବନ୍ଦ କରିଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶନିବାର ନ୍ୟାସନାଲ୍ ବୋର୍ଡ ଅଫ୍ ଏକ୍ଜାମିନେସନ୍ସ ଇନ୍ ମେଡିକାଲ୍





ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍), ପ୍ରଯୁକ୍ତି ସହଯୋଗୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପରୀକ୍ଷା ଯେପରି ସୁରୁଖୁରୁରେ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ହୁଏ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥର ମୋଟ ୨ ଲକ୍ଷ ୭୩ ହଜାର ୧୮୩ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ସାଢ଼େ ୧୨ ପ୍ରତିଶତରୁ ଅଧିକ। ପ୍ରାୟ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ହେବ ଏବଂ ୬୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହେବେ। ପରୀକ୍ଷା କେନ୍ଦ୍ର ବଣ୍ଟନରେ ପୂର୍ବରୁ ପ୍ରଚଳିତ 'ଆଗେ ଆସିଲେ ଆଗେ ପାଇବେ' ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ପରୀକ୍ଷାର୍ଥୀ ତିନିଟି ରାଜ୍ୟକୁ ପସନ୍ଦ କରିପାରିବେ। ସେମାନଙ୍କ ଚିଠିପତ୍ର ଠିକଣା ଥିବା ରାଜ୍ୟକୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ। ଫଳରେ ବାସସ୍ଥାନ ନିକଟରେ କେନ୍ଦ୍ର ମିଳିବାର ସମ୍ଭାବନା ବଢ଼ିବ। ପରୀକ୍ଷାର ପ୍ରାୟ ତିନି ସପ୍ତାହ ପୂର୍ବରୁ ସହର ସମ୍ପର୍କରେ ସୂଚନା ମିଳିବ। ପୂର୍ବର ୨୦୦ ବଦଳରେ ଏଥର ୧୮୦ଟି ପ୍ରଶ୍ନ ରହିବ। କିନ୍ତୁ ପରୀକ୍ଷା ଅବଧି ୨୧୦ ମିନିଟ୍ ରହିବାରୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଧିକ ସମୟ ମିଳିବ। ◆◆ପୃଷ୍ଠା ୭

## ରୁଷିଆର ସାମରିକ ଓ ଶିଳ୍ପ କେନ୍ଦ୍ର ଉପରେ ୟୁକ୍ରେନର ବଡ଼ ଡ୍ରୋନ୍ ଆକ୍ରମଣ: ଦୁଇ ମୃତ

ନୂଆଦିଲ୍ଲୀ, ୨/୮ : ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଭୟଙ୍କର ମୋଡ଼ ନେଇଛି। ରବିବାର ୟୁକ୍ରେନ ସୈନ୍ୟ ରୁଷିଆ ଅଞ୍ଚଳ ଭିତରକୁ ପଶି ରଣନୈତିକ ସାମରିକ ଓ ଶିଳ୍ପ ଲକ୍ଷ୍ୟସ୍ଥଳଗୁଡ଼ିକ ଉପରେ ଏକ ବଡ଼ ଡ୍ରୋନ୍ ଆକ୍ରମଣ କରିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ୟୁକ୍ରେନର ଜେନେରାଲ ଷ୍ଟାଫଙ୍କ ସୂଚନା ମୁତାବକ, ସାରାଟୋଭ୍ ପ୍ରଦେଶର ଏକ ପ୍ରମୁଖ ତୈଳ ବିଶୋଧନାଗାର ଏବଂ ପ୍ରସିଦ୍ଧ ଏଙ୍ଗେଲ୍ସ ଏୟାରବେସକୁ ସଫଳତାର ସହ ଟାର୍ଗେଟ କରାଯାଇଛି । ଫଳରେ



ଏଙ୍ଗେଲ୍ସ ଏୟାରବେସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଏୟାରବେସରେ ରୁଷର ବୋମାବର୍ଷୀ ବିମାନ ଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଏୟାରବେସ ମାଧ୍ୟମରେ ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥାଏ ରୁଷ । ଏହା ସହିତ ସାରାଟୋଭ୍ ତୈଳ ବିଶୋଧନାଗାରରେ ନିଆଁ ଲାଗିଯିବା ଯୋଗୁଁ ୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ◆◆ପୃଷ୍ଠା ୭

## ବଡ଼ ଷଡ଼ଯନ୍ତ୍ର ପଣ୍ଡ: ଶୁଭେନ୍ଦୁ ଅଧିକାରୀଙ୍କୁ ହତ୍ୟା ଯୋଜନା ଅଭିଯୋଗରେ ୨ ଗିରଫ

ନୂଆଦିଲ୍ଲୀ, ୨/୮ : ପଶ୍ଚିମବଙ୍ଗର ରାଜନୈତିକ ମଇଦାନ ଏବେ ଏକ ଭୟଙ୍କର ଷଡ଼ଯନ୍ତ୍ରର କେନ୍ଦ୍ରବିନ୍ଦୁ ପାଲଟିଛି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ହତ୍ୟା କରିବା ପାଇଁ ସୀମା ପାରରୁ ରଚାଯାଇଥିବା ଏକ ବଡ଼ ଧରଣର ଯୋଜନାକୁ ପଣ୍ଡ କରିଦେଇଛି ପଶ୍ଚିମବଙ୍ଗ ପୁଲିସର ସ୍ପେଶାଲ ଟାସ୍କ ଫୋର୍ସ। ଏହି ରହସ୍ୟଜନକ



ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାଶ ହେବା ପରେ ଏବେ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଛି । ପଶ୍ଚିମବଙ୍ଗ ପୁଲିସର ସ୍ପେଶାଲ ଟାସ୍କ ଫୋର୍ସ ଏକ ବଡ଼ ଧରଣର ସଫଳତା ହାସଲ କରିଛି । ରାଜ୍ୟରେ ଏକ ଭୟଙ୍କର ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାଶ କରିବା ସହ ଏସଟିଏଫ ଦୁଇଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ◆◆ପୃଷ୍ଠା ୭

## ୩ଟି ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା: ଦୁଇ ଜଣ ଡ୍ରାଇଭରଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୦୨/୮ (ନି.ପ୍ର): ଝାରସୁଗୁଡ଼ା ସହରର ସରବାହାଲ ବାଇପାସ୍ ନିକଟରେ ଆଜି ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ୩ଟି ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ ଟି ହାଇୱାର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସେପଟେ, ଦୁର୍ଘଟଣା ପରେ



ତିନୋଟି ଯାକ ହାଇୱା ରାଜ୍ୟ ରାଜପଥର ତିନୋଟି ପାର୍ଶ୍ୱରେ ଛିଟିକି ପଡିବା ଦ୍ୱାରା ଦୀର୍ଘ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଝାରସୁଗୁଡ଼ା ◆◆ପୃଷ୍ଠା ୭

# ଲଖନପୁର ବ୍ଲକ ସୀମାନ୍ତ ଅଂଚଳରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୨/୦୮ (ନି.ପ୍ର): ଲଘୁଚାପ ଜନିତ ବର୍ଷା ପରିସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ୍ଯ ଉପରମୁଣ୍ଡ ଛତିଶଗଡ଼ର କଲମା ବ୍ୟାରେଜର ଗେଟ ଖୋଲା ଥିବାରୁ ମହାନଦୀରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସୀମାନ୍ତ ୧୯ ଖଣ୍ଡ ମୌଜା ଅଂଚଳର ସୁଖାସୋଡା ଓ ସେମେଲିଆ ଗ୍ରାମର ବିସ୍ତୀର୍ଣ୍ଣ ଚାଷଜମି ଜଳମଗ୍ନ ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି। ଖବର ପାଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ ପ୍ରଥମେ ଲଖନପୁର ତହସିଲଦାରଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତୀ ସମୟରେ ସେ ନିଜେ ଲଖନପୁର ବ୍ଲକ ଗସ୍ତ କରି ବନ୍ୟାଚଂଳ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପ୍ରଥମେ ରେମତା ଗ୍ରାମପଂଚାୟତ ଅନ୍ତର୍ଗତ ମୁହୁଦି ଗ୍ରାମରେ ଥିବା ବନ୍ୟା ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ସେଠାରେ ଉପଲବ୍ଧ ଆବଶ୍ୟକ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଗ୍ରାମ ନିକଟସ୍ଥ ମହାନଦୀ ତଟକୁ ଯାଇ ନଦୀର ଜଳସ୍ତର, ପ୍ରବାହ ସ୍ଥିତି ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଏହାପରେ ସେ କଣ୍ଡେଇକେଲା ପଂଚାୟତ ଅନ୍ତର୍ଗତ ସେମେଲିଆ ଓ ସୁଖାସୋଡା ଗ୍ରାମକୁ ଯାଇ ଜଳମଗ୍ନ ଚାଷଜମିର ସ୍ଥିତି ପରଖିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ଚାଷଜମିରେ ପାଣି ପଶିବା ଯୋଗୁଁ କୃଷକ ମାନେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ କରିଥିଲେ। ଜିଲ୍ଲାପାଳ କୃଷକଙ୍କୁ ବୁଝାଇଥିଲେ ଏବଂ ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ଯେ କୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଭୟଭୀତ ନହୋଇ ତୁରନ୍ତ ପ୍ରଶାସନ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେବା ସହ ବନ୍ୟା ସମ୍ପର୍କିତ ସମସ୍ତ ସରକାରୀ ସତର୍କ ସୂଚନାକୁ ପାଳନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଫୁଲବାଣୀ ସରକାରୀ ଶିକ୍ଷ ତାଲିମ କେନ୍ଦ୍ରରେ ବୃକ୍ଷରୋପଣ

କନ୍ଧମାଳ,୨/୦୮ (ନି.ପ୍ର): ଫୁଲବାଣୀ ସ୍ଥିତ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପରିସରରେ ଆଜି ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠିତ ଏକ ସଭାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ବାବଦରେ ଆଲୋକପାତ କରିବା ପାଇଁ, ସମଗ୍ର ପୃଥିବୀରେ ୯୭ ପ୍ରତିଶତ ଲୁଣି ଜଳ ଏବଂ ମାତ୍ର ୩ ପ୍ରତିଶତ ପାନୀୟ ଉପଯୋଗୀ ଜଳ ଥିବା ଏବଂ ଜଳ ଭାଗ ହିଁ ପୃଥିବୀର ସର୍ବାଧିକ ଅମ୍ଳଜାନ ଯୋଗାଉଛି। ତେଣୁ ଆବଶ୍ୟକ ପରିମାଣର ବର୍ଷା, ପରିବେଶ ସୁରକ୍ଷା ଓ ଅଧିକ ଅମ୍ଳଜାନ ପାଇଁ ଅଧିକରୁ ଅଧିକ ବୃକ୍ଷର ଆବଶ୍ୟକତା ରହିଛି, ତେଣୁ ଆମେ ବୃକ୍ଷ ରୋପଣ ସହିତ ଏହାର ଯତ୍ନ ନେବାର ମଧ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ଅଧକ୍ଷ ପ୍ରକାଶ ରଞ୍ଜନ ସୋରେନ, ବରିଷ୍ଠ ନାଗରିକ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନବକିଶୋର ରଥ, ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ ଏବଂ ବରିଷ୍ଠ ଉପଦେଷ୍ଟା ନବୀନ କିଶୋର ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ଶ୍ରୀ ନୃସିଂହାନନ୍ଦ ମହାପାତ୍ର ଓ ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସଂଘର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମକର୍ତା ଯୋଗଦେଇ ସହଯୋଗ କରିବା ସହ ବୃକ୍ଷ ରୋପଣ କରିଥିଲେ।

# ଗଡ୍ସ ପ୍ଲାନ୍ ପକ୍ଷରୁ ବନ୍ୟା ପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ବାସୁଦେବପୁର, ୨/୮ (ନି.ପ୍ର): ବାସୁଦେବପୁରର ସାମାଜିକ ସେବା ସଂଗଠନ ଗଡ୍ସ ପ୍ଲାନ୍ ପକ୍ଷରୁ ସୁଦର୍ଶନପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ୱାର୍ଡ ରେ ବୁଲି ସ୍ୱେଚ୍ଛାସେବୀ ମାନେ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ସମାଜ ସେବା ମୂଳକ ଅନୁଷ୍ଠାନର ମୁଖ୍ୟ ତଥା ଆଦର୍ଶ ଶିକ୍ଷକ ଓ ସମାଜସେବୀ ବିଶ୍ୱନାଥ ବାରିକ୍, ସମ୍ପାଦକ ତାପସ କୁମାର ମହାନ୍ତି, ସଦସ୍ୟ ରଶ୍ମି ରଞ୍ଜନ ମହାକୁଡ୍, ପ୍ରକାଶ ମହାନ୍ତି, ବିଶ୍ୱଜିତ୍ ନାୟକ, କ୍ଷୀତିଶ ବେହେରା, ମନୋଜ ବାରିକ୍, ସ୍ୱନ୍ଦନ ପୁଳକ ପୁହାଣ ପ୍ରମୁଖ ଯୋଗ ଦେଇ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଚୁଡ଼ା, ବିସ୍କୁଟ ଓ ଅନ୍ୟାନ୍ୟ ଜିନିଷ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ପ୍ରଦାନ କରା ଯାଇଥିଲା ଓ ଈଶ୍ୱର ଙ୍କ ଠାରେ ସେମାନଙ୍କର ମଙ୍ଗଳ କାମନା କରା ଯାଇଥିଲା। ଯେଉଁ ଲୋକ ମାନେ ଦୁଃଖ ଓ ବିପଦରେ ରହୁଛନ୍ତି କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ରେ ସମସ୍ୟାରେ ପଡ଼ିଛନ୍ତି ସେମାନଙ୍କ ପାଖରେ ଗଡ୍ସ ପ୍ଲାନ୍ ଅନୁଷ୍ଠାନ ପହଞ୍ଚି ସେମାନଙ୍କୁ ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ କରୁଛନ୍ତି। ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳ ରେ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଉଛି। ଏଥିପାଇଁ ଏହି ସାମାଜିକ ଅନୁଷ୍ଠାନକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ଜିଲ୍ଲାସ୍ତରୀୟ ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ କମିଟି ବୈଠକ

ଝାରସୁଗୁଡ଼ା,୨/୦୮ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ କମିଟି ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୀପ୍ତିପ୍ରଭା ଭିଡ଼ିଆ ଜିଲ୍ଲାପାଳଙ୍କୁ ଏ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ବିଶେଷ କରି ଉଦ୍ୟାନ କୃଷି କ୍ଷେତ୍ରର ସମନ୍ୱିତ ବିକାଶ, ଚାଷୀମାନଙ୍କର ଆୟ ବୃଦ୍ଧି ଏବଂ ସ୍ଥାନୀୟ ସ୍ତରରେ ବ୍ୟାପକ ସ୍ୱରୋଜଗାର ସୃଷ୍ଟି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୈଠକରେ ଜିଲ୍ଲା ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯିବା ସହ ଉଦ୍ୟାନ କୃଷିର ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା କରାଯାଇଥିଲା। ଉଦ୍ୟାନ କୃଷି କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ କାଜୁ ବଗିଚା ସୃଷ୍ଟି, ମଲ୍ଲୀ ଓ ରଜନୀଗନ୍ଧା ଫୁଲ ଚାଷ, ମହୁ ଚାଷ ଏବଂ ଏହାର ମୂଲ୍ୟ ସଂଯୋଜନ ଉପରେ ବିଶେଷ କରାଯାଇଥିଲା। ଏଥିସହିତ ଫୁଲ ଚାଷ ସହିତ ମହୁମାଛି ପାଳନ କରାଗଲେ ପରାଗସଂଯୋଗ ବୃଦ୍ଧି ପାଇବା ସହ ଫସଲ ଉତ୍ପାଦନ ବର୍ଦ୍ଧିବ ଏବଂ କୃଷକମାନେ ଅତିରିକ୍ତ ଆୟ ପାଇପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲାର ଜଣେ ସଫଳ କୃଷକଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ତାଙ୍କର ସଫଳତାକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଅନ୍ୟ ଚାଷୀମାନଙ୍କ ପାଇଁ ପ୍ରେରଣାଦାୟୀ ହେବାକୁ ଉତ୍ସାହିତ କରିଥିଲେ। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉଦ୍ୟାନ କୃଷି, ଫୁଲ ଚାଷ ଓ ମୂଲ୍ୟ ସଂଯୋଜିତ କାର୍ଯ୍ୟକ୍ରମରେ ଅଧିକ ସାମିଲ କରିବା ଏବଂ ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଜୀବିକା ମିଶନ ର ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ବାର୍ଷିକ କାର୍ଯ୍ୟଯୋଜନା ଅଧୀନରେ ଜିଲ୍ଲାରେ ଟିସୁ କଲଚର୍ କଦଳୀ, ଆମ୍ବ, ସଙ୍କର ଜାତୀୟ ପରିବା, କାଜୁ, ଫୁଲ ଚାଷ ଏବଂ ଛତୁ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ନେଇ ସମୀକ୍ଷା କରାଯାଇଥିଲା। ବିଶେଷ କରି ଜଙ୍ଗଲ ଅଧିକାର ଆଇନ ଅଧୀନରେ ଜମି ପାଇଥିବା ହିତାଧିକାରୀଙ୍କୁ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ସହ ଯୋଡ଼ି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଷ୍ପତି ନିଆଯାଇଛି। ଉକ୍ତ ବୈଠକରେ ଓରମାସ ର ଡେପୁଟି ସିଇଓ ଯୁବରାଜ ସାହୁ, ଏସଡିଆଇପିଆରଓ କୃଷ୍ଣକେଶୀ ବଳିଆରସିଂହ, ଓଏଲଏମ ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ, ସମସ୍ତ ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀଙ୍କ ସହିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସମୀର ରଞ୍ଜନ ଦାସ ମଧ ଉପସ୍ଥିତ ଥିଲେ। ଏଥିସହ ବୈଠକରେ ଓଡ଼ିଶା ଉଠା ଜଳସେଚନ ନିଗମର ଯନ୍ତ୍ରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୁଖ୍ୟ ଜିଲ୍ଲା ପଶୁସମ୍ପଦ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ୱାଟରସେଡ୍ ର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କୃଷି ଓ ଉଦ୍ୟାନ କୃଷି ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଲକାନଗିରିରେ ସରକାରୀ ଯୋଜନାର ସମୀକ୍ଷା କଲେ ଜିଲ୍ଲା ପର୍ଯ୍ୟବେକ୍ଷକ ଏନ୍. ତିରୁମାଲା ନାୟକ

ମାଲକାନଗିରି,୨/୦୮ (ନି.ପ୍ର): ଜିଲ୍ଲାରେ ସରକାରୀ ଯୋଜନା ଗୁଡ଼ିକର ସଫଳ କାର୍ଯ୍ୟକାରିତା ଏବଂ ସାଧାରଣ ଲୋକଙ୍କ ପାଖରେ ମୌଳିକ ସେବା ପହଂଚାଇବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ ଅଧିକାରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ। ନିଜର ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳ ବୁଲି ଦେଖିବା ସହିତ ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ବିସ୍ତୃତ ଏବଂ ଉଚ୍ଚ ସ୍ତରୀୟ ସମୀକ୍ଷା କରିଛନ୍ତି। ଜିଲ୍ଲାର ଦୁର୍ଗମ ଅଂଚଳରେ ରହୁଥିବା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ସୁବିଧା ସୁରୁଖୁରୁରେ ପହଂଚୁଛି କି ନାହିଁ, ତାହା ପରଖିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ସ୍ଥିତି ଏବଂ ସେବା ପ୍ରଦାନ ପ୍ରକ୍ରିୟାର ସଠିକ୍ ଅନୁଧ୍ୟାନ କରିବା ପାଇଁ ଶ୍ରୀ ନାୟକ ନିଜେ ଏହି ପରିଦର୍ଶନରେ ବାହାରିଥିଲେ। ପ୍ରଥମେ ସେ କିଛି ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ହଠାତ୍ ଗସ୍ତ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଶୈଳୀ, ଉପଲବ୍ଧ ଥିବା ଶିକ୍ଷାଗତ ଭିତିଭୂମି ଏବଂ କୋମଳମତି ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାର ଗୁଣବତା ତଦାରଖ କରିଥିଲେ। ଏହାପରେ ସେ ଗ୍ରାମାଂଚଳରେ ସାଧାରଣ ବଂଟନ ପ୍ରଣାଳୀ କେନ୍ଦ୍ରଗୁଡ଼ିକୁ ଯାଇ ହିତାଧିକାରୀମାନେ ନିୟମିତ ଭାବେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଗ୍ରାମାଚଂଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ ସେ ନିଜେ ଯାଂଚ୍ କରିଥିଲେ। ଗସ୍ତର ଶେଷ ଭାଗରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସେବା, ମାଗଣା ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା ସୁବିଧାର ସମୀକ୍ଷା କରିବା ସହ ରୋଗୀମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି କ୍ଷେତ୍ର ଅନୁଧ୍ୟାନ ଓ ପରିଦର୍ଶନ ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଭାଗୀୟ ସଚିବ ଶ୍ରୀ ନାୟକ କହିଛନ୍ତି, ସାଧାରଣ ଗରିବ ଲୋକଙ୍କ ପାଖରେ ସରକାରୀ ସୁବିଧା ଏବଂ ମୌଳିକ ସେବା ସଠିକ୍ ଭାବେ ପହଂଚିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଓ ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାରର ତ୍ରୁଟି, ଅବହେଳା ରହିଯାଉଛି କି ନାହିଁ, ସେ ନେଇ ଆମେ ସତର୍କତାର ସହ ଅନୁଧ୍ୟାନ କରୁଛୁ। ଏହି କ୍ଷେତ୍ର ପରିଦର୍ଶନରୁ ମିଳିଥିବା ତଥ୍ୟ ଆଧାରରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଏକ ଜରୁରୀ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ। ଗ୍ରାମାଚଂଳର ଶେଷ ଧାଡ଼ିରେ ଥିବା ଅତି ସାଧାରଣ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ପହଂଚିପାରିବ, ତାହା ହିଁ ଆମ ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସରକାରୀ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ପ୍ରଶାସନିକ ସ୍ତରରେ ତଦାରଖ ବ୍ୟବସ୍ଥାକୁ ଆଗାମୀ ଦିନରେ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ସରକାରୀ ବିଭାଗର ମୁଖ୍ୟମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଚିବ ଶ୍ରୀ ନାୟକଙ୍କ ସମେତ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ଅଧୁରା ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଅର୍ଥର ସଦୁପଯୋଗ କରି ପ୍ରତ୍ୟେକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଏବଂ ସାଧାରଣ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ସଚିବ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

# ୨୧୦ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ

ଜୟପୁର,୨/୦୮ (ନି.ପ୍ର): ଜୟପୁର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଦିନ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ଗଣିତ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ବିଶିଷ୍ଟ ଗଣିତ ଶିକ୍ଷକ ସନ୍ତୋଷ କୁମାର ଶତପଥୀ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜ ବକ୍ତବ୍ୟରେ ଶିଶୁଙ୍କୁ ବୈଜ୍ଞାନିକ ମାନସିକତା ରଖି ପ୍ରୟୋଗାତ୍ମକ ଚିନ୍ତାଧାରାର ବିକାଶ କରିବା ପାଇଁ ଉତ୍ସାହିତ କରିଥିଲେ । ଏହା ପରେ ବିଦ୍ୟାଳୟର ଶିଶୁ ଭଉଣୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଦିନିକିଆ କାର୍ଯ୍ୟକ୍ରମ କୋମଳମତି ଶିଶୁମାନଙ୍କୁ ସେମାନଙ୍କର ଶିକ୍ଷାଗତ ଓ ସୃଜନଶୀଳ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ ଯୋଗାଇ ଦେଇଥିଲା । ଏହି ପ୍ରଦର୍ଶନୀରେ ବିଜ୍ଞାନର ପରୀକ୍ଷାମୂଳକ ମଡେଲ, ଶିକ୍ଷାଭିତିକ ସେମିନାର, ଗଣିତ ଆଲୋଚନାଚକ୍ର, କୁଇଜ୍ (ପ୍ରଶ୍ନୋତର) ଏବଂ ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଏହି ବିଭିନ୍ନ ବର୍ଗର ପ୍ରତିଯୋଗିତା ପିଲାମାନଙ୍କୁ ନିଜର ପାଠ୍ୟପୁସ୍ତକ ଜ୍ଞାନକୁ ବାସ୍ତବ ଦୁନିଆର ପ୍ରୟୋଗାତ୍ମକ ଚିନ୍ତାଧାରାରେ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲା । ସ୍ଥାନୀୟ ଅଂଚଳର ୨୬ ଜଣ ଜଣାଶୁଣା ଶିକ୍ଷକ, କଲେଜ ଅଧ୍ୟାପକ ଓ ଗବେଷକମାନଙ୍କୁ ନେଇ ଗଠିତ ଏକ ବିଚାରକ ମଣ୍ଡଳୀ ବିଭିନ୍ନ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ଏବଂ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ । ଶେଷରେ ଏକ ଉଦଯାପନୀ ଓ ପୁରସ୍କାର ବିତରଣୀ ସମାରୋହ ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯେଉଁଠାରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆଗାମୀ ବ୍ଲକ (ସଂକୁଳ) ସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦୁଝରଗଡଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

କେନ୍ଦୁଝର,୨/୦୮ (ନି.ପ୍ର): ସ୍ଥାନୀୟ ଜେଲ୍ ରୋଡ, କେନ୍ଦୁଝରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜ୍ଞାନବିଜ୍ଞାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାକୁ ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟ, କେନ୍ଦୁଝରଗଡର ଅଧକ୍ଷ ପ୍ରଫେସର ସରୋଜ କୁମାର ଷଡଙ୍ଗୀ ଯୋଗଦେଇ ପ୍ରଦୀପ ଜାଳି ଉଦ୍ଘାଟନ କରିଥିଲେ ଓ ନିତିଦିନିଆ ଜୀବନରେ ବିଜ୍ଞାନର ଆବଶ୍ୟକତାକୁ ବହୁଳ ଭାବରେ ପ୍ରୟୋଗ କରିବାକୁ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସମିତିର ଉପ-ସଭାପତି ପ୍ରିୟବ୍ରତ ସାମଲ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ମେଳାରେ ଶିଶୁବର୍ଗରେ ୩୦୮ ଜଣ, ବାଲବର୍ଗରେ ୪୮୯ ଜଣ, କିଶୋର ବର୍ଗରେ ୨୧୦ ଜଣ ଓ ତରୁଣ ବର୍ଗରେ ୩୦ ଜଣ ଶିଶୁ ବିବିଧ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅଖିଳ ଭାରତୀୟ ନିବନ୍ଧ ପ୍ରତିଯୋଗିତାରେ ୫୬ ଜଣ ଅଂଶଗ୍ରହଣ କରିଥିବା ବେଳେ ଲୋକନୃତ୍ୟରେ ୧୮ ଜଣ ଓ ଦେଶଭକ୍ତି ଗୀତରେ ୧୦ ଜଣ ଭାଗନେଇଥିଲେ । ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ସଂକୁଳ ସ୍ତରୀୟ ମେଳାରେ ଭାଗ ନେବେ । ବିଭିନ୍ନ ପ୍ରକଳ୍ପକୁ ବିଚାରକ ଭାବରେ ମହେନ୍ଦ୍ର ସାହୁ, ବୈଲୋଚନ ମହାନ୍ତ, ହରେକୃଷ୍ଣ ପଣ୍ଡା, କର୍ଣ୍ଣପ୍ରସାଦ ମହାନ୍ତ, ରାଜେଶ ମହାନ୍ତ, ପ୍ରିୟରଂଜନ ମହାନ୍ତ, ମୋନାଲିସା ମହାନ୍ତ, ଅସ୍ମିତା ମହାନ୍ତ, ବଳରାମ ମହାନ୍ତ, ବୁଲୁରାମ ମହାନ୍ତ ଓ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଅପରାହ୍ନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଶ୍ୱ ହିନ୍ଦୁ ପରିଷଦର ସହପ୍ରାନ୍ତ ବିଶେଷ ପ୍ରମୁଖ ମଦନ ମୋହନ ଦ୍ୱିବେଦୀ, ପରିଚାଳନା ସମତିର ସଭାପତି ନିମାଇଁ ଚରଣ ଦାଶ ଓ ସଂପାଦକ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ଉକ୍ତ ପ୍ରତିଯୋଗିତା ଗୁଡ଼ିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଅମୂଲ୍ୟ ରାଉତ, ସନ୍ତୋଷ କର, ସତ୍ୟପ୍ରିୟ ମହାନ୍ତି, ମନରଂଜନ ପରିଡା, ହରିପ୍ରିୟା ଓଝା, ସସ୍ମିତା ଦୋରା, କୁଳମଣି ମହାନ୍ତ, ଧ୍ରୁବଚରଣ ମହାନ୍ତ, ଅମୀୟ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଉପଶମକାରୀ ଚିକିତ୍ସା ସେବାର ଶୁଭାରମ୍ଭ: ଖଡ଼ିଆଳ ବ୍ଲକର ୬୦ଟି ଗ୍ରାମରେ ପହଂଚିବ ସ୍ୱାସ୍ଥ୍ୟସେବା

ନୂଆପଡ଼ା,୨/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ମିଶନ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅଜିମ୍ ପ୍ରେମଜୀଙ୍କ ଆର୍ଥିକ ସହାୟତାରେ ଗ୍ରାମାଚଂଳ ପାଇଁ ଉପସମକାରୀ ସ୍ୱାସ୍ଥ୍ୟ ଚିକିତ୍ସା ସେବାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଖଡ଼ିଆଳ ବ୍ଲକର ୧୪ଟି ଗ୍ରାମପଂଚାୟତ ଅନ୍ତର୍ଗତ ୬୦ଟି ଗ୍ରାମର ଲୋକମାନେ ନିଜ ଅଂଚଳରେ ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରିବେ। ଖଡ଼ିଆଳ ମିଶନ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏହି ଯୋଜନାର ଶୁଭାରମ୍ଭ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ମିଶନ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡା. ଅଜିତ ସିଂ ଯୋଗଦେଇ କହିଥିଲେ ଯେ, ପ୍ରଥମ ଥର ପାଇଁ ଗ୍ରାମାଚଂଳର ଲୋକମାନେ ନିଜ ଗାଁରେ ଏଭଳି ସ୍ୱାସ୍ଥ୍ୟ ସେବାର ସୁବିଧା ପାଇବେ, ଯାହା ଗ୍ରାମୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ। ସ୍ୱତନ୍ତ୍ର ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, ଏହି ପଦକ୍ଷେପ ଦ୍ୱାରା ଗ୍ରାମାଚଂଳବାସୀଙ୍କ ଦ୍ୱାରମୁହଁରେ ସ୍ୱାସ୍ଥ୍ୟସେବା ପହଂଚିବ। ଏହା ଅଂଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ମିଶନ ନିର୍ଦ୍ଦେଶିକା ଡଃ. ନିବେଦିତା ପରିମାଣିକ, ଡଃ. ପୁଷ୍ପା ସିଂ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସମସ୍ତେ ଏହି ପଦକ୍ଷେପକୁ ସ୍ୱାଗତ କରି ଏହା ଗ୍ରାମାଚଂଳର ଲୋକଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରିଥିଲେ।

# ଜୀବନ ଓ ଜୀବିକାର ମାଧ୍ୟମ କୋରାପୁଟ ଜିଲାର ସାପ୍ତାହିକ ହାଟ

ଜୟପୁର,୨/୦୮ (ନି.ପ୍ର): କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଧିବାସୀଙ୍କ ଜୀବନ ଜୀବିକା ସହ ଜଡିତ ହୋଇଛି ସପ୍ତାହିକ ହାଟ । କୋରପୁଟ ଜିଲାର ୧୪ଟି ବ୍ଲକରେ ସପ୍ତାହିକ ହାଟ ରହିଛି । ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା, ସେମିଳିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର, ପାଡୁଆ, ପଟାଙ୍ଗୀ ହାଟର କିଣା ବିକା ଠାରୁ ଆରମ୍ଭ କରି ସ୍ନେହ ସମ୍ପର୍କ ଆଦି ଜାବୁଡି ରଖିଛି ଏହି ହାଟ । ସାମାଜିକ ଚଳଣି ଓ ପରମ୍ପରା ସାଙ୍ଗକୁ ପର୍ବପର୍ବାଣୀରେ ଭରିରହିଥାଏ ଅପୂର୍ବ ମିଳନ । ଯାହା କେଉଁ ପ୍ରାଚୀନ କାଳରୁ ଆଦିବାସୀ ସାପ୍ତାହିକ ହାଟ ସହିତ ଆଦିବାସୀ,ବନବାସୀଙ୍କ ଜୀବନ ଓ ଜୀବିକା ଜଡିତ ହୋଇ ରହିଥିବା ବେଳେ ସାମାଜିକ ଜୀବନରେ ହାଟ ଏକ ଜୀବନର ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅତୀତରେ ଏହି ସାପ୍ତାହିକ ହାଟରେ ଭାବର ଆଦାନ ପ୍ରଦାନ ସହ ବନବାସୀଙ୍କ ପୂର୍ବପୁରୁଷ କନ୍ୟା ପସନ୍ଦ କରି ବିବାହ କରିଥିବାର ବହୁ ନଜିର ରହିଛି । ସାପ୍ତାହିକ ହାଟରେ ସକାଳୁ ବେପାରୀ ଓ ଗ୍ରାହକଙ୍କ ଭିଡ ଲାଗିବା ସହ ଆରମ୍ଭ ହୁଏ କିଣାବିକା ଓ ସେହିଭଳି ହାଟ ଭିଡ ଭିତରେ ମନ ଖୋଜୁଥିବା ମଣିଷ ମଇତ୍ର, ସମୁଦୀ ଅଥବା ଆତ୍ମୀୟ ସ୍ୱଜନ ଦେଖା ମିଳିଗଲେ ପାରମ୍ପରିକ ସ୍ୱାଗତ ଜୁହାର ହେବା ସହ ତେଲଲୁଣ ସଂସାରର କ୍ଷଣିକ ଦୁଃଖ ଭୁଲିଯାଇ ଖୁସି ସମୟ ମନେ ପକାଇ ବିଭୋର ହୋଇଥାନ୍ତି ବନବାସୀ । ଏଥିସହିତ ଏହି ସାକ୍ଷାତରେ ପର୍ବପର୍ବାଣୀ ଓ ବିବାହ ନିମନ୍ତେ ନିମନ୍ତ୍ରଣ କରାଯାଏ ଓ ଆଜି ବି ସାପ୍ତାହିକ ହାଟ ଏକ ବହୁମୁଖୀ ମଂଚ ଭାବେ ପରିଚିତ । ଯେଉଁଠି ସଚେତନତା ବାର୍ତା ସହ ସରକାରୀ ଯୋଜନାର ପ୍ରଚାର ଓ ନିର୍ବାଚନ ପ୍ରଚାର କରାଯାଇଥାଏ । ଅନ୍ୟପକ୍ଷରେ ଆଦିବାସୀ ହାଟରେ ପନିପରିବା କୁଡାରେ ବିକ୍ରି ଓ ଅନ୍ୟ ଶସ୍ୟ ଦ୍ରବ୍ୟ ଡବା ମାପରେ ବିକ୍ରିର ପରମ୍ପରା ଆଜିବି ବଂଚିଛି । ଦୁଇ ଭାଗ କିଣିଲେ ଗ୍ରାହକଙ୍କ ମନଜାଣି ଗୋଟିଏ ଭାଗ ପୁରାଣୀ ଅର୍ଥାତ ମାଗଣା ଦେବା ପରମ୍ପରା ରହିଛି । ହାଟରେ ମହିଳା ବେପାରୀଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ଏଠାରେ ଛୁଂଚି ଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ଉପକରଣ ମିଳିଥାଏ । ଆଉ ଚୁଡ଼ି ଠାରୁ ଶାଢ଼ୀ ମହିଳା ପ୍ରଶାଧନ ସାମଗ୍ରୀର ସମ୍ଭାର ଦେଖିବାକୁ ମିଳିଥାଏ । ମୂଷାମରା ଠାରୁ ଉକୁଣୀ ମରା ଔଷଧ ହାଟରେ ମିଳିଥାଏ ଓ ଗୋରୁ ହାଟରେ ଗାଈଗୋରୁ ଠାରୁ ଆରମ୍ଭ କରି ଛେଳି, ମେଣ୍ଢା, କୁକୁଡ଼ା ଓ ବତକ ପର୍ଯ୍ୟନ୍ତ ବିକ୍ରିହୁଏ ଓ କୁମ୍ଭାର ଠାରୁ କମ୍ଭାର ସାମଗ୍ରୀ ସହ ଆମିଷ ହାଟରେ ମାଛ, ଚିକେନ, ମଟନ ଓ ଦେଶୀ ଅଣ୍ଡା କାରବାର ହୋଇଥାଏ । ସେହିଭଳି ଧାନ, ଚାଉଳ, ବିରି, ମୁଗ, କାନ୍ଦୁଲ ଓ କୋଲଥ ସମେତ ବିଭିନ୍ନ ଶସ୍ୟ କିଣାବିକା ହୋଇଥାଏ । ହାଟରେ ଛତା ଓ ଟର୍ଚ୍ଚ ମରାମତି ସାଙ୍ଗକୁ ଦରଜି ଦୋକାନରେ ଫଟା ପୋଷାକ ମରାମତି କରାଯାଏ । ବାଉଁଶରେ ତିଆରି ଡାଲା, କୁଲା, ତଲାରୀ ବା ପକ୍ଷୀଆ ସାଙ୍ଗକୁ ବିଭିନ୍ନ ଝାଡୁ ଓ ଦଉଡି ମଧ୍ୟ କାରବାର ହୋଇଥାଏ । ତେବେ କେବଳ କିଣାବିକାରେ ସିମିତ ନଥିବା ହାଟ ପାରିବାରିକ ଓ ସାମାଜିକ ଉତ୍ସବାନୁଷ୍ଠାନ ନିମନ୍ତେ ବାର୍ତା ବା ନିମନ୍ତ୍ରଣ ଦେବାର ପ୍ରମୁଖ ସ୍ଥଳ । ସେହିଭଳି ସରକାରଙ୍କ ବିଭିନ୍ନ ଯୋଜନା ଓ ସଚେତନତା ବାର୍ତା ପ୍ରଚାର ଲାଗି ପ୍ରମୁଖ ସ୍ଥଳ ଭାବେ ବ୍ୟବହାର ହୁଏ । ତେବେ ଏବେ ଆଧୁନିକତା ଚାପରେ ବହୁ ଅଂଚଳରେ ସାପ୍ତାହିକ ହାଟ ସଂକୁଚିତ ହେବାସହ ବିଲୁପ୍ତର ଦ୍ୱାରଦେଶରେ ଉପନୀତ ।

# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ



**ସାହସ ଓ ଦୃଢ଼ ମନୋବଳ:** ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ। ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି। ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ। ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି। ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସେମାନେ ମନା କରିଦିଅନ୍ତି। ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ। ଯଦି ଅଫିସ୍‌ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଦେଖିବେ ଅତି କମ୍ ସମୟରେ ଆପଣ ବସ୍‌ଙ୍କ ପ୍ରିୟପାତ୍ର ହୋଇପାରିବେ।



**ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି:** ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା। ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ। କୌଣସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି। ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ। ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ। ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ। ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ। ଆଉ ଆପଣଙ୍କ କାମରେ ତାରିଫ ମଧ୍ୟ କରିବେ।

**ନିଜକୁ କରନ୍ତୁ ପ୍ରମାଣିତ:** କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ। କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି। ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ। ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି। ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି। ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ। ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ। ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ। ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ।



# ଲେମ୍ବୁପାଣିରେ ରହିଛି ଅନେକ ଉପକାରୀ ତତ୍ତ୍ୱ



ଲେମ୍ବୁପାଣିକୁ ଏକ ପ୍ରାକୃତିକ ଏବଂ ସତେଜ ପାନୀୟ ଭାବରେ ବିବେଚନା କରାଯାଏ, ଯାହା ଶରୀରକୁ ଅନେକ ଲାଭ ଦେଇଥାଏ। ଏଥିରେ ଭିଟାମିନ ସି' ଭରପୂର, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ, ପାଚନ କ୍ରିୟା ଉନ୍ନତ କରେ ଏବଂ ଚର୍ମକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଲେମ୍ବୁପାଣି ମେଟାବୋଲିଜିମ ବୃଦ୍ଧି କରି ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ପ୍ରମାଣିତ ହୁଏ। ସକାଳେ ଲେମ୍ବୁପାଣି ପିଇବା ଦ୍ୱାରା ଶରୀରକୁ ହାଇଡ୍ରେସନ ମିଳିଥାଏ, ଯାହା ଥକ୍କାପଣ ହ୍ରାସ କରେ ଏବଂ ଶକ୍ତି ସ୍ତର ବୃଦ୍ଧି କରେ। ଏହା ଶରୀରକୁ ଦୀର୍ଘ ସମୟ ପାଇଁ ସୁସ୍ଥ ରଖେ। ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକଶନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଲାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

ଯଦିଓ ଲେମ୍ବୁ ପାଣିର ଅନେକ ଲାଭ ଅଛି, ତଥାପି ସମସ୍ତଙ୍କ ପାଇଁ ଖାଲି ପେଟରେ ପିଇବା ଠିକ୍ ନୁହେଁ। ଲେମ୍ବୁରେ ଅଧିକ ପରିମାଣରେ ସାଇଟ୍ରିକ୍ ଏସିଡ୍ ଥାଏ, ଯାହା ଶରୀରର କ୍ଷାରୀ ସନ୍ତୁଳନକୁ ବିଗାଡ଼ିଥାଏ। ଅତ୍ୟଧିକ ଏସିଡିଟି ପେଟ ପୋଡ଼ିବା, ଏସିଡ୍ ରିଫ୍ଲକ୍ସ ଏବଂ ଗ୍ୟାସ୍ ସମସ୍ୟା ସୃଷ୍ଟି କରିପାରେ। ଏହା ଦାନ୍ତର ଏନାମେଲ୍‌କୁ ଦୁର୍ବଳ କରିପାରେ, ଯାହା ଦାନ୍ତ ସମ୍ବେଦନଶୀଳତା ଏବଂ ଖୋଳ ହେବାର ସମ୍ଭାବନା ବଢ଼ାଇଥାଏ। ତେଣୁ ସଠିକ୍ ଉପାୟରେ ଲେମ୍ବୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ।



# ଦିନକୁ କେତେ ଅଲମଣ୍ଡ ଖାଇବା ଉଚିତ ?

ଡ୍ରାଏଫ୍ରୁଟ୍ସର ସେବନ ସର୍ବଦା ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ସେଥିରୁ ଗୋଟିଏ ହେଲା ଅଲମଣ୍ଡ(ବାଦାମ)। ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ପ୍ରତିରୋଧକ ଶକ୍ତି ନିର୍ମିତ ହୋଇଥାଏ। ଏଥିରେ ଭିଟାମିନ ଇ, ଭିଟାମିନ ବି, ଆଇରନ୍ ?, ପୋଟାସିୟମ, ଜିଙ୍କ,ମ୍ୟାଗ୍ନେସିୟମ, କପର, ଫୋଲେଟ ଭଳି ତତ୍ତ୍ୱ ରହିଛି। ଏହାଛଡ଼ା ଏଥିରେ ଥିବା ଫ୍ୟାଟ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀର ପାଇଁ ଲାଭକାରୀ। ହେଲେ ସବୁକିଛିର ସଠିକ୍ ? ଏବଂ ସୀମିତ ମାତ୍ରା ଖାଇବା ଆବଶ୍ୟକ। ବାଦାମ ଖାଇବା ସ୍ୱାସ୍ଥ୍ୟକର, ତାର ଅର୍ଥ ଯେତେ ଇଚ୍ଛା ସେତେ ଖାଇବା ଠିକ୍ ? ନୁହେଁ। ଯଦି ଭୁଲ ସମୟରେ ଏବଂ ଅଧିକ ମାତ୍ରାରେ ଏହାକୁ ଖିଆଯାଏ ତେବେ ଲାଭ ବଦଳରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆସନ୍ତୁ ସବିଶେଷ ଜାଣିବା:

ଦିନକୁ କେତେ ଅଲମଣ୍ଡ ଖାଇବେ ?

ବିଶେଷଜ୍ଞଙ୍କ ମତରେ ବୟସ୍କମାନେ ଦିନକୁ ୨୩ ଅଲମଣ୍ଡ ଖାଇପାରିବେ, ଯାହାକି ୩୦ ଗ୍ରାମ ହେବ। ଏତିକି ମାତ୍ରା ଶରୀର ପାଇଁ ଭଲ। ହେଲେ ଏହାଠାରୁ ଅଧିକ ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀ ମାତ୍ରା ଅଧିକ ହୋଇପାରେ ଏବଂ ଫ୍ୟାଟ୍ ବଢ଼ିପାରେ।

ହଜମ ଜନିତ ଅସୁବିଧା: ଅଲମଣ୍ଡ ଅଧିକ ସେବନ କରିବା ପରେ ପର୍ଯ୍ୟାପ୍ତ ପାଣି ପିଅନ୍ତୁ, ନଚେତ ହଜମ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ। ସେଥିରେ ପେଟ ଫୁଲିବା, ଗ୍ୟାସ, ପେଟ ବ୍ୟଥା, କୋଷ୍ଠକାଠିନ୍ୟ ଭଳି ସମସ୍ୟା ରହିଛି।

ଓଜନ ବଢ଼ିବା: ଅଲମଣ୍ଡ ହୃଦୟ ପାଇଁ ଭଲ। ହେଲେ ଆବଶ୍ୟକତାଠାରୁ ଅଧିକ ଖାଇଲେ ଅଧିକ କ୍ୟାଲୋରୀ ଦେହକୁ ଯାଏ। ଯାହାକି ଓଜନ ବଢ଼ାଇଥାଏ।

ରକ୍ତ ଜମାଟ ବାନ୍ଧିବାରେ ଅସୁବିଧା: ଅଲମଣ୍ଡରେ ଭିଟାମିନ ଇ ଭରପୂର ମାତ୍ରାରେ ରହିଥାଏ। ଏହାର ଅଧିକ ସେବନ ମୁଣ୍ଡବିନ୍ଧା, ରକ୍ତଜମାଟ ଭଳି ଲକ୍ଷଣ ଦେଖାଇଥାଏ। ଫଳରେ ରକ୍ତ ବୋହିଯିବାର ଭୟ ଥାଏ।

ପେଟ ବ୍ୟଥା: ଅଧିକ ଅଲମଣ୍ଡ ସେବନ ଦ୍ୱାରା ପେଟରେ ବ୍ୟଥା ହୋଇଥାଏ। ଏଥିସହ ଗ୍ୟାସ, ବ୍ଲୋଟିଂ ଭଳି ସମସ୍ୟା ଉପୁଜିପାରେ।

ଆଲର୍ଜି: ଅଲମଣ୍ଡ ସେବନ ତ୍ୱଚା ପାଇଁ ଲାଭକାରୀ ଯେତିକି ଖରାପ ମଧ ସେତିକି। ଏହାକୁ ଅଧିକ ସେବନ କରିବା ଦ୍ୱାରା କିଛି ଲୋକଙ୍କୁ ଆଲର୍ଜି ହୋଇପାରେ। ଫଳରେ ତ୍ୱଚା କୁଣ୍ଡାଇ ହେବା, ରାସେସ୍, ଫଳିଯିବା ଭଳି ସମସ୍ୟା ଉପୁଜିପାରେ।

# ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ୍ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ୱେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।

ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ଼ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

# ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅମ୍ଭବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...



ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ବିଶ୍ୱ ତାପନର ନୂଆ ଶିକାର ୟୁରୋପ୍

ବିଗତ କିଛି ବର୍ଷ ଧରି ପାଣିପାଗର ଚରମ ଅବସ୍ଥା ପାଶ୍ଚାତ୍ୟ ଜଗତ ପାଇଁ ଏକ ଦୂରବର୍ତ୍ତୀ ସଙ୍କଟ ଭଳି ମନେ ହେଉଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ ୟୁରୋପରେ ଦେଖାଦେଇଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ଉତ୍ତାପ ଲହରୀ ବୈଜ୍ଞାନିକମାନଙ୍କର ସେହି ପୁରୁଣା ଚେତାବନୀକୁ ସତ୍ୟ ପ୍ରମାଣିତ କରିଛି ଯେ, ଜଳବାୟୁ ପରିବର୍ତ୍ତନ ହେଉଛି ଏକ ପରସ୍ପର ସହ ଜଡ଼ିତ ଗ୍ରହ ସ୍ତରୀୟ ଜରୁରୀକାଳୀନ ପରିସ୍ଥିତି ବା ପ୍ଲାନେଟାରୀ ଇମର୍ଜେନ୍ସି । ବିକାଶଶୀଳ ଦେଶଗୁଡ଼ିକ ବାହାରେ ଥିବା ଲୋକମାନେ ବିଶ୍ୱ ତାପନ ବା ଗ୍ଲୋବାଲ୍ ୱାର୍ମିଂର ପ୍ରଭାବକୁ ତୀବ୍ର ଭାବରେ ଅନୁଭବ କରିବାର ମାତ୍ର ଏକ ଦଶନ୍ଧି ବିତିଛି । ୟୁରୋପରେ ୨୦୧୯, ୨୦୨୨, ୨୦୨୩ ଏବଂ ୨୦୨୪ ମସିହାର ଗ୍ରୀଷ୍ମ ଋତୁରେ ତାପମାତ୍ରାର ସମସ୍ତ ରେକର୍ଡ ଭାଙ୍ଗିଯାଇଥିଲା । ଚଳିତ ୨୦୨୬ ବର୍ଷରେ ମଧ୍ୟ ଏହି ଉତ୍ତପ୍ତ ପାଣିପାଗ ସମଗ୍ର ମହାଦେଶର ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ସାବ୍ୟସ୍ତ ହୋଇଛି । ଫ୍ରାନ୍ସ, ବ୍ରିଟେନ୍, ସ୍ପେନ୍, ପର୍ତ୍ତୁଗାଲ୍, ବେଲଜିୟମ୍, ନେଦରଲ୍ୟାଣ୍ଡ୍ସ ଏବଂ ଜର୍ମାନୀ ଭଳି ଅନେକ ଦେଶରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ହୋଇଯାଇଛି । ଫ୍ରାନ୍ସ ଏବଂ ୟୁରୋପର ଅନ୍ୟାନ୍ୟ ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି, ସ୍କୁଲଗୁଡ଼ିକ ବନ୍ଦ ରହିଛି, ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି ଏବଂ ସ୍ୱାସ୍ଥ୍ୟ ସେବା ଉପରେ ପ୍ରବଳ ଚାପ ପଡ଼ିଛି । ଉତ୍ତାପରୁ ରକ୍ଷା ପାଇବା ପାଇଁ ନଦୀ ଏବଂ କେନାଲରେ ଡେଇଁପଡ଼ି ଫ୍ରାନ୍ସରେ ଲୋକଙ୍କର ବୁଡ଼ି ମୃତ୍ୟୁବରଣ କରିବା ଘଟଣା ଏହି ସଙ୍କଟର ଭୟାବହତାକୁ ସୂଚାଉଛି । ଏହା ପ୍ରମାଣ କରୁଛି ଯେ ଆଧୁନିକ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରକୃତିର କରାଳ ରୂପ ସାମ୍ନାରେ ବିକଶିତ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅସହାୟ ।

ବିଶ୍ୱ ପାଣିପାଗ ସଂଗଠନ (WMO) ଏବଂ ୟୁରୋପୀୟ ୟୁନିଅନର ଜଳବାୟୁ ଏଜେନ୍ସି 'କୋପରନିକସ୍'ର ମିଳିତ ରିପୋର୍ଟ ଅନୁଯାୟୀ, ୟୁରୋପ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉତ୍ତପ୍ତ ହେଉଥିବା ମହାଦେଶ । ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ତୁଳନାରେ ୟୁରୋପର ତାପମାତ୍ରା ଦ୍ୱିଗୁଣିତ ହାରରେ ବୃଦ୍ଧି ପାଉଛି । ପ୍ରାକ୍-ଶିଳ୍ପ ସ୍ତର ତୁଳନାରେ ବର୍ତ୍ତମାନ ୟୁରୋପର ତାପମାତ୍ରା ୨.୩ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୧.୨ ରୁ ୧.୩ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ଅଛି । ଏହି ଅତ୍ୟଧିକ ତାପମାତ୍ରା ପଛରେ ଥିବା ମୁଖ୍ୟ ବୈଜ୍ଞାନିକ କାରଣ ହେଉଛି ଏକ ଅବରୁଦ୍ଧ ଉଚ୍ଚ-ଚାପ ପ୍ରଣାଳୀ ବା ବ୍ଲକଡ୍ ହାଇ-ପ୍ରେସର୍ ସିଷ୍ଟମ୍, ଯାହା ସାହାରା ମରୁଭୂମିରୁ ଉଷ୍ମ ବାୟୁ ଆଣି ୟୁରୋପ ଉପରେ ଆବଦ୍ଧ କରିଦେଉଛି । ଯଦିଓ ଏହା ୟୁରୋପୀୟ ଗ୍ରୀଷ୍ମ ଋତୁରେ ସମ୍ପୂର୍ଣ୍ଣ ଅସ୍ୱାଭାବିକ ନୁହେଁ, ତଥାପି ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ପ୍ରକ୍ରିୟା ବାରମ୍ବାର ଏବଂ ଅଧିକ ତୀବ୍ର ରୂପ ଧାରଣ କରୁଛି । ଏହାର ପରିଣାମ ସ୍ୱରୂପ କେବଳ ଉତ୍ତାପ ବଢୁନାହିଁ, ବରଂ ଜଳବାୟୁର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି, ଯାହାଦ୍ୱାରା ଲୋକମାନଙ୍କର ଦୈନନ୍ଦିନ ଜୀବନଯାପନ ଅସମ୍ଭବ ହୋଇପଡୁଛି ।

ଏହି ଅତ୍ୟଧିକ ତାପମାତ୍ରା କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ବ୍ୟାପକ ମାନବୀୟ କ୍ଷତି ମଧ୍ୟ ଘଟାଉଛି । ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲଥ୍ (ISGlobal) ଦ୍ୱାରା ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ, କେବଳ ୨୦୨୨ ରୁ ୨୦୨୪ ମସିହା ମଧ୍ୟରେ ୟୁରୋପରେ ଉତ୍ତାପ ଜନିତ କାରଣରୁ ପ୍ରାୟ ୧,୮୧,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା । କେବଳ ୨୦୨୪ ମସିହା ଗ୍ରୀଷ୍ମ ଋତୁରେ ୬୨,୭୦୦ ରୁ ଅଧିକ ଲୋକ ଉତ୍ତାପ ଯୋଗୁଁ ପ୍ରାଣ ହରାଇଥିଲେ, ଯାହାକି ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ଥିଲା । ବୈଜ୍ଞାନିକ ତଥ୍ୟଗୁଡ଼ିକୁ ଅଧିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ଗ୍ରୀଷ୍ମ ପ୍ରବାହ ସମାଜର ଦୁର୍ବଳ ବର୍ଗଙ୍କୁ ଅଧିକ ମାତ୍ରାରେ ଶିକାର କରୁଛି । ଅଧ୍ୟୟନ ଅନୁଯାୟୀ, ଉତ୍ତାପ ଜନିତ ମୃତ୍ୟୁ ହାର ମହିଳା ଏବଂ ବୟସ୍କ ଲୋକଙ୍କ କ୍ଷେତ୍ରରେ ସର୍ବାଧିକ ରହିଛି । ପରିସଂଖ୍ୟାନ ଦର୍ଶାଉଛି ଯେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କର ମୃତ୍ୟୁ ହାର ପ୍ରାୟ ୪୬.୭ ପ୍ରତିଶତ ଅଧିକ ରହିଥିବା ବେଳେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏହି ହାର ଅନ୍ୟ ବୟସ ବର୍ଗ ତୁଳନାରେ ୩୨୩ ପ୍ରତିଶତ ଅଧିକ ରହିଛି । ବାହାରେ କାମ କରୁଥିବା ଶ୍ରମିକ ଏବଂ କ୍ରୋନିକ୍ ରୋଗରେ ପୀଡ଼ିତ ଲୋକମାନେ ମଧ୍ୟ ଅତ୍ୟଧିକ ବିପଦରେ ଅଛନ୍ତି । ଏହି ତଥ୍ୟ ପ୍ରମାଣ କରୁଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ ଏବଂ ସ୍ୱାସ୍ଥ୍ୟଗତ ସଙ୍କଟ ।

ଏହି ପରିସ୍ଥିତି ୟୁରୋପୀୟ ଭିତ୍ତିଭୂମିର ଏକ ବଡ଼ ଦୁର୍ବଳତାକୁ ପଦାରେ ପକାଇଛି । ୟୁରୋପର ଅଧିକାଂଶ ଅଟ୍ଟାଳିକା ଏବଂ ଭିତ୍ତିଭୂମି ଶୀତ ଦିନେ ଉଷ୍ମତା ବଜାୟ ରଖିବା ପାଇଁ ଡିଜାଇନ୍ କରାଯାଇଛି, ଉତ୍ତାପକୁ ପ୍ରତିହତ କରିବା ପାଇଁ ନୁହେଁ । ତେଣୁ, ୟୁରୋପର ବିଭିନ୍ନ ପୌରପାଳିକା ବର୍ତ୍ତମାନ କୁଲିଂ ସେଣ୍ଟର ସ୍ଥାପନ, ସବୁଜିମା ଅଞ୍ଚଳର ସମ୍ପ୍ରସାରଣ, ଅଟ୍ଟାଳିକାଗୁଡ଼ିକର ପୁନଃନିର୍ମାଣ, ହିଟ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଆଲୋଚନା କରୁଛନ୍ତି । ଏହି ଉତ୍ତାପର ପ୍ରଭାବ କେବଳ ମାନବ ସ୍ୱାସ୍ଥ୍ୟ ଉପରେ ସୀମିତ ନୁହେଁ, ବରଂ ଏହା ଅର୍ଥନୀତି, କୃଷି ଏବଂ ପରିବେଶ ଉପରେ ମଧ୍ୟ ବ୍ୟାପକ କ୍ଷତି ପହଞ୍ଚାଉଛି । ବର୍ଦ୍ଧିତ ତାପମାତ୍ରା କାରଣରୁ ମାଟିର ଆର୍ଦ୍ରତା ରେକର୍ଡ ସ୍ତରକୁ ଖସିଆସିଛି, ଯାହା କୃଷି ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରୁଛି ଏବଂ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ତେବେ ଏହି ସଙ୍କଟ ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖାଦେଇଛି । ୟୁରୋପରେ ସ୍ୱଚ୍ଛ ଶକ୍ତି ବା ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଛି । ତଥ୍ୟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ୟୁରୋପରେ ପବନ ଏବଂ ସୌର ଶକ୍ତି ମାଧ୍ୟମରେ ଉତ୍ପାଦିତ ବିଦ୍ୟୁତ୍ ପ୍ରଥମ ଥର ପାଇଁ ଜୀବାଶ୍ମ ଇନ୍ଧନ ବା ଫସିଲ୍ ଫୁଏଲ୍ ଠାରୁ ଅଧିକ ହୋଇଛି । କିନ୍ତୁ କେବଳ ଅନୁକୂଳନ ବା ଆଡାପ୍ଟେସନ୍ ସମସ୍ୟାର ଗୋଟିଏ ଦିଗକୁ ସମାଧାନ କରେ । ପ୍ରକୃତ ସମସ୍ୟା ହେଉଛି ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ, ଯାହାକୁ କମ୍ ନକଲେ ସ୍ଥାୟୀ ସମାଧାନ ଅସମ୍ଭବ ।

ଯଦି ଆମେ ଏହି ସଙ୍କଟକୁ ଏକ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବା, ତେବେ ଏହା ସ୍ପଷ୍ଟ ହେବ ଯେ ୟୁରୋପର ଏହି ଦୁର୍ଦ୍ଦଶା ସମଗ୍ର ବିଶ୍ୱ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ବା ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି । ୟୁରୋପ ଭଳି ଏକ ଧନୀ ଏବଂ ବିକଶିତ ମହାଦେଶ ଯଦି ଅତ୍ୟଧିକ ଉତ୍ତାପର ମୁକାବିଲା କରିବାରେ ଏତେ ସଂଘର୍ଷ କରୁଛି, ତେବେ ସୀମିତ ସମ୍ବଳ ଥିବା ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଅବସ୍ଥା କଣ ହେବ ତାହା ସହଜରେ ଅନୁମେୟ । ଐତିହାସିକ ଭାବରେ, ବିକଶିତ ଦେଶଗୁଡ଼ିକ ଶିଳ୍ପ ବିପ୍ଳବ ପରଠାରୁ ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ କରିଛନ୍ତି, ଯାହାର ଫଳସ୍ୱରୂପ ଆଜିର ଜଳବାୟୁ ସଙ୍କଟ ଉପୁଜିଛି । କିନ୍ତୁ ଏହାର ସବୁଠାରୁ ଭୟଙ୍କର ପରିଣାମ ବିକାଶଶୀଳ ଦେଶଗୁଡ଼ିକୁ ଭୋଗିବାକୁ ପଡୁଛି । ଅଧିକାଂଶ ୟୁରୋପୀୟ ଦେଶ ନେଟ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନଗଣ୍ୟ ସ୍ତରକୁ କମାଇବା ପାଇଁ ପଦକ୍ଷେପ ନେଇଛନ୍ତି ସତ, ତଥାପି ସେମାନଙ୍କର ଅନେକ ଯୋଜନା ସ୍ୱଳ୍ପ-ମିଆଦୀ ଉତ୍ତରଦାୟିତ୍ୱ କ୍ଷେତ୍ରରେ ଅସ୍ପଷ୍ଟ ଥିବାରୁ ସମାଲୋଚିତ ହୋଇଛି । ବିଶ୍ୱ ତାପନ ପ୍ରଶମନରେ ବିଳମ୍ବ ସମଗ୍ର ବିଶ୍ୱ ଉପରେ ଏକ ବଡ଼ ବୋଝ ଲଦିଦେଉଛି ଏବଂ ଏହା କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏକ ଜଳବାୟୁ ନ୍ୟାୟର ପ୍ରସଙ୍ଗ ପାଲଟିଛି ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ଅର୍ଥବ୍ୟବସ୍ଥା ବା କ୍ଲାଇମେଟ୍ ଫାଇନାନ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ୨୦୦୯ ମସିହାରେ କୋପେନହେଗେନ୍ ଠାରେ ଅନୁଷ୍ଠିତ ଜଳବାୟୁ ସମ୍ମିଳନୀରେ ବିକଶିତ ଦେଶଗୁଡ଼ିକ ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ବାର୍ଷିକ ୧୦୦ ବିଲିୟନ୍ ଡଲାର୍ ପ୍ରଦାନ କରିବେ । ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ୍ ଆଣ୍ଡ ଡେଭେଲପମେଣ୍ଟ (OECD) ର ତଥ୍ୟ ଅନୁଯାୟୀ, ଏହି ଲକ୍ଷ୍ୟ ଦୁଇ ବର୍ଷ ବିଳମ୍ବରେ, ଅର୍ଥାତ୍ ୨୦୨୨ ମସିହାରେ ହାସଲ ହୋଇଥିଲା, ଯେଉଁଥିରେ ପ୍ରାୟ ୧୧୫.୯ ବିଲିୟନ୍ ଡଲାର୍ ସଂଗ୍ରହ କରାଯାଇଥିଲା । ୟୁରୋପୀୟ ୟୁନିଅନ୍ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୨୪ ମସିହାରେ ଜଳବାୟୁ ପାଣ୍ଠି ଭାବରେ ପ୍ରାୟ ୩୧.୭ ବିଲିୟନ୍ ୟୁରୋ (ପାଖାପାଖି ୩୪.୩ ବିଲିୟନ୍ ଡଲାର) ଯୋଗାଇ ଦେଇଛନ୍ତି । ତଥାପି, ଏହି ପାଣ୍ଠିର ଗୁଣବତ୍ତା ଏବଂ ବଣ୍ଟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଦାନ କରାଯାଉଥିବା ଅର୍ଥର ଏକ ବଡ଼ ଅଂଶ ଅନୁଦାନ ବା ଗ୍ରାଣ୍ଟ ପରିବର୍ତ୍ତେ ଋଣ ଆକାରରେ ଦିଆଯାଉଛି । ଏହା ଫଳରେ ଗରିବ ଦେଶଗୁଡ଼ିକ ଉପରେ ଋଣର ବୋଝ ବଢ଼ିବାରେ ଲାଗିଛି । ଏହାବ୍ୟତୀତ, ଅଧିକାଂଶ ଅର୍ଥ ପ୍ରଶମନ ବା କାର୍ବନ କମାଇବା ପ୍ରକଳ୍ପରେ ଖର୍ଚ୍ଚ ହେଉଥିବା ବେଳେ ଅନୁକୂଳନ ପାଇଁ ଆବଶ୍ୟକ ଥିବା ପାଣ୍ଠି ଯଥେଷ୍ଟ ନୁହେଁ । ଆଗାମୀ ଦିନରେ ନୂତନ ସାମୂହିକ ପରିମାଣାତ୍ମକ ଲକ୍ଷ୍ୟ (NCQG) ଧାର୍ଯ୍ୟ କରାଯିବାକୁ ଥିବା ବେଳେ ବିକଶିତ ଦେଶଗୁଡ଼ିକୁ କେବଳ ଆର୍ଥିକ ଲକ୍ଷ୍ୟ ପୂରଣ କରିବାକୁ ପଡ଼ିବ ନାହିଁ, ବରଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ କ୍ଷମତା ବିକାଶ କ୍ଷେତ୍ରରେ ମଧ୍ୟ ସହଯୋଗ କରିବାକୁ ପଡ଼ିବ ।

ୟୁରୋପର ସାମ୍ପ୍ରତିକ ଉତ୍ତାପ ସଙ୍କଟ ଏହାର ନୀତି ନିର୍ଦ୍ଧାରକମାନଙ୍କୁ ଏକ ସ୍ପଷ୍ଟ ଚେତାବନୀ ଦେବା ଉଚିତ୍ ଯେ ପ୍ରତ୍ୟେକ ଅପୂରଣୀୟ ଜଳବାୟୁ ପ୍ରତିଶ୍ରୁତି ଭବିଷ୍ୟତର ଗ୍ରୀଷ୍ମ ପ୍ରବାହକୁ ଆହୁରି ବିପଜ୍ଜନକ କରିଥାଏ । ପରିବେଶର ସନ୍ତୁଳନ ରକ୍ଷା କରିବା କୌଣସି ଗୋଟିଏ ଦେଶ ବା ମହାଦେଶର ଦାୟିତ୍ୱ ନୁହେଁ, ବରଂ ଏହା ସମଗ୍ର ମାନବ ଜାତିର ସାମୂହିକ କର୍ତ୍ତବ୍ୟ । ୟୁରୋପରେ ତରଳୁଥିବା ଗ୍ଲେସିୟର, ଶୁଖିଯାଉଥିବା ନଦୀ, ବ୍ୟାପୁଥିବା ଜଙ୍ଗଲ ନିଆଁ ଏବଂ ଉତ୍ତାପ ଜନିତ ହଜାର ହଜାର ମୃତ୍ୟୁ ପ୍ରମାଣ କରୁଛି ଯେ ପ୍ରକୃତି ସହ ଖେଳିବାର ପରିଣାମ କେତେ ଭୟଙ୍କର ହୋଇପାରେ । ଯଦି ଆମେ ଏବେ ବି ସଚେତନ ନହେବା ଏବଂ କେବଳ ଖାଲି ପ୍ରତିଶ୍ରୁତିରେ ସମୟ ନଷ୍ଟ କରିବା, ତେବେ ଆଗାମୀ ପିଢ଼ି ପାଇଁ ଏହି ପୃଥିବୀ ବାସଯୋଗ୍ୟ ହୋଇ ରହିବ ନାହିଁ । ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଉଚ୍ଚାଭିଳାଷୀ ପଦକ୍ଷେପ ଗ୍ରହଣ କରିବା ଯେତିକି ଜରୁରୀ, ବିକାଶଶୀଳ ଦେଶଗୁଡ଼ିକ ପ୍ରତି ୟୁରୋପ ନିଜର ଆର୍ଥିକ ଏବଂ ବୈଷୟିକ ପ୍ରତିଶ୍ରୁତି ପୂରଣ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ, ବିଶ୍ୱ ସମୁଦାୟ, ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ ନିଜର ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ ଲଢ଼େଇ ଆରମ୍ଭ କରିବା ନିତାନ୍ତ ଆବଶ୍ୟକ ।



# ରୋଗ ଅନୁଯାୟୀ ଡାଏଟ



## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆଜିକାଲିର ଅନିୟମିତ ଜୀବନଶୈଳ, କାର୍ଯ୍ୟଚାପ, ଅଧିକ ତେଲମସଲାଯୁକ୍ତ ଖାଦ୍ୟ, ହରମୋନ ପରିବର୍ତ୍ତନ, କମ ପାଣି ପିଇବା, ଶାରୀରିକ ଗତିବିଧିରୁ ଦୂରେଇ ରହିବା ଆଦି ଅଭ୍ୟାସରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି। ଏପରି କ୍ଷେତ୍ରରେ ସୁସ୍ଥ ଜୀବନଶୈଳୀକୁ କାର୍ଯ୍ୟକାରୀ କରିବା ସହ ଉପଯୁକ୍ତ ଖାଦ୍ୟ ଶୈଳୀ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏଥିପାଇଁ ରୋଗ ଅନୁଯାୟୀ ବିଭିନ୍ନ ଡାଏଟ ରହିଛି ଯାହାକୁ ଆପଣାଇ ଜଣେ ସୁସ୍ଥ ଜୀବନଯାପନ କରିପାରିବେ।

କୋଲେଷ୍ଟ୍ରଲ ନିୟନ୍ତ୍ରଣ ପାଇଁ ଡାଏଟ : କୋଲେଷ୍ଟ୍ରଲ ହ୍ରାସ ପାଇଁ ଓମେଗା୩ ଫ୍ୟାଟି ଏସିଡ୍ ଯୁକ୍ତ ଓଟସ୍, ବାଦାମ, ଅଖରୋଟ, ଅଲିଭ ଅଏଲ, ଏଭୋକାଡ଼ୋ, ନଟସ୍ ଆଦି ସେବନ କରିପାରିବେ। ଏହା କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ହ୍ୱାଇଟ ବ୍ରେଡ ଏବଂ ହ୍ୱାଇଟ ରାଇସ ସ୍ଥାନରେ ବ୍ରାଉନ ରାଇସ କିମ୍ବା ମଲଟିଗ୍ରେନ ବ୍ରେଡ୍ ଖାଦ୍ୟଉପଯୋଗୀ। ପ୍ରଚୁର ମାତ୍ରାର ପାଣି କିମ୍ବା ଲେମ୍ବୁପାଣି ଆଦି ଅଧିକ ଉପକାରୀ ହୋଇଥାଏ। ବିଶେଷ କଥା ହେଉଛି, ସେଓ, ଅଙ୍ଗୁର, ଷ୍ଟ୍ରବେରୀ, ନାସପାତି, ବିନସ, ଭେଣ୍ଡି, ଗାଜରରେ ପ୍ରଚୁର ମାତ୍ରାରେ ଫାଇବର ଥାଏ। ଏହାକୁ ସେବନ ଦ୍ୱାରା କ୍ଷତିକାରକ କୋଲେଷ୍ଟ୍ରଲ କମ ହୋଇଥାଏ। ସୋୟା, ଦୁଗ୍ଧ, କୋକୋଯୁକ୍ତ ଡାର୍କ ଚକୋଲେଟ ଆଦି ସେବନ କରି କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିପାରିବେ। ସୂର୍ଯ୍ୟମୁଖୀ ତେଲ କିମ୍ବା ଅଲିଭ ଅଏଲ ବ୍ୟବହାର ହୋଇଥିବା ଖାଦ୍ୟ ଦ୍ୱାରା ବ୍ୟାଡ୍ କୋଲେଷ୍ଟ୍ରଲ କମି ଥାଏ।

ଋତୁସ୍ରାବଜନିତ ଯନ୍ତ୍ରଣା ଦୂର ପାଇଁ ଖାଦ୍ୟ : ପ୍ରତିଦିନ ଭିଟାମିନ-ସି ଯୁକ୍ତ ସେଓ, କମଳା, ଲେମ୍ବୁ, ମୌସୁମୀ ପିଜୁଳି, ଡାଳିମ୍ବ ଆଦି ଖାଦ୍ୟ ଖାଇପାରିବେ। ଏହା ଲୌହସାରର ମୂଳ ଉତ୍ସ ହୋଇଥିବାରୁ ଦୁର୍ବଳ ଲାଗିବା ଓ ରକ୍ତହୀନତାକୁ ଦୂର କରେ। ଭିଟାମିନ ଓମେଗା-୩ ଓ ଫାଇବରଜନିତ ଖାଦ୍ୟ, ଅଦା, ଓଟମିଲ, ହଳଦୀ ସେବନ ଦ୍ୱାରା ହରମୋନ ଅସନ୍ତୁଳନ ସମସ୍ୟା ଦୂର ହୋଇଥାଏ।

ସବୁଜ ପନିପରିବା ଯଥା ପାଳଙ୍ଗ, ମେଥି ଆଦି ଲୌହସାର ଓ କ୍ୟାଲସିୟମର ଉତ୍ସ ହୋଇଥିବାରୁ ଏହା ଦୁର୍ବଳତା ମାଂସପେଶୀ ପେଟ ଯନ୍ତ୍ରଣାକୁ କମ କରେ। ଚିଡ଼ାଚିଡ଼ାପଣ ଦୂର ପାଇଁ ଦୈନିକ କନ୍ଦ, ଡାର୍କ ଚକୋଲେଟ ଖାଇବା ନିହାତି ଆବଶ୍ୟକ। ସକାଳୁ ଗଜାମୁଗ, ବିଟ ଜୁସ, ଗଜା ବୁଟ ଓ ଗଜା ବାଦାମ ଡ୍ରାଏଫ୍ରୁଟ୍ସ ଖାଇବା ଦ୍ୱାରା ରକ୍ତରେ ହେମୋଗ୍ଲୋବିନ ପରିମାଣ ବୃଦ୍ଧି କରେ। ପାଣି ପଇଡ଼ ପାଣି ଆଦି ପିଇ ଶରୀରକୁ ହାଇଡ୍ରେଟ ରଖିପାରିବେ।

ଆଣ୍ଟି ପଲ୍ୟୁସନ ଡାଏଟ : ପ୍ରଦୂଷଣ ମଧ୍ୟରେ ନିଜକୁ ସୁସ୍ଥ ରଖିବାକୁ ଆଣ୍ଟି ପଲ୍ୟୁସନ ଡାଏଟ ଆପଣାଇ ପାରିବେ। ହଳଦିରେ ଥିବା ଉପକାରୀ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରେ। ଚିକିତ୍ସକଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ କଞ୍ଚା ହଳଦି ଓ ରସୁଣ ଖାଇପାରିବେ। ଏହା ଶରୀରକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ନିୟମିତ ନିମ୍ବପତ୍ର ଓ ପିତାଜାତୀୟ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ନିୟମିତ ସାଲାଡ଼ ସ୍ମୁଦିରେ ଖାଇବା ଦ୍ୱାରା ପ୍ରଦୂଷଣରୁ ସୁରକ୍ଷା ମିଳିଥାଏ। ଡାଏଟରେ ପାଳଙ୍ଗ, ବ୍ରୋକଲି, ଟମାଟୋ, କମଳା, ଗୁଡ଼, ବ୍ରୋକଲି, ଗ୍ରୀନଟ, ଡ୍ରାଏଫ୍ରୁଟ୍ସ, ଅଦା, ଅଁଳା ଆଦିକୁ ସାମିଲ କରିପାରିବେ।

କେମୋଥେରାପିରେ କ'ଣ ଖାଇବେ : କେମୋଥେରାପି ନେଉଥିଲେ କଞ୍ଚା କିମ୍ବା ଅଧା ସିଝା ମାଂସ, ମାଛ ଆଦି ଖାଦ୍ୟ ଖାଆନ୍ତୁନି। ଏହାଦ୍ୱାରା ସଂକ୍ରମଣ ବୃଦ୍ଧିର ଅଧିକ ଆଶଙ୍କା ଥାଏ। ଭଲ ଭାବେ ସିଝା ହୋଇନଥିବା ଦୁଗ୍ଧ କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ, ଜୁସ ସେବନ କରିବା ଅନୁଚିତ। ଫଳ ଖାଇବାକୁ ଇଚ୍ଛା ଥିଲେ ମୋଟା ଚୋପା ଯୁକ୍ତ ଫଳକୁ ଭଲ ଭାବେ ସଫା କରି ଏହାକୁ ଛୋଟ ଖଣ୍ଡ କରି ଖାଇପାରିବେ। ଅଧିକ ତେଲ ମସଲା ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। ମଦ୍ୟପାନ ଓ କଫି ପେୟରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ କମ ତେଲ ମସଲା ଯୁକ୍ତ ମାଛ, ମାଂସ, ଅଣ୍ଡା ଖାଇପାରିବେ। କେମୋଥେରାପି ନେବା ସମୟରେ ଭଲ ଭାବେ ହଜମ ହେଉଥିବା ଖାଦ୍ୟ ଖାଇବା ଜରୁରୀ। ତେବେ କର୍କଟ ପୀଡ଼ିତ ବ୍ୟକ୍ତି ସର୍ବଦା ଡାକ୍ତରଙ୍କ ପରାମର୍ଶକ୍ରମେ ଖାଦ୍ୟପେୟ ଗ୍ରହଣ କରିବା ଆବଶ୍ୟକ।

ଡାଏଟରୁ ୟୁରିକ ଏସିଡ୍ ନିୟନ୍ତ୍ରଣ : ଖରାପ ଜୀବନଶୈଳୀ ଏବଂ ଖାଦ୍ୟାଭ୍ୟାସ କାରଣରୁ ଶରୀରରେ ୟୁରିକ ଏସିଡ୍ ସ୍ତର ବୃଦ୍ଧି ପାଇଥାଏ। ୟୁରିକ ଏସିଡ୍ ବଢ଼ିଲେ ଆର୍ଥ୍ରାଇଟିସ ସମସ୍ୟା, ପିଠିର ତଳପାର୍ଶ୍ୱ, ଗୋଡ଼, ଗୋଇଠିରେ ଅସହ୍ୟ ଯନ୍ତ୍ରଣା ହୁଏ। ତେଣୁ ଏପରି ସ୍ଥିତିରେ ଖଟାଯୁକ୍ତ ଖାଦ୍ୟ, ପ୍ୟାକେଟ ଜୁସ୍, ପ୍ରୋସେସଡ଼ ଖାଦ୍ୟ, ରାଜମା, ଚଣା, ମୁଗ ଡାଲିଜାତୀୟ କନ୍ଦମୂଳ, ଫୁଲକୋବି, ପାଳଙ୍ଗ ଶାଗ, ଛତୁ, ଗ୍ରୀନ ମଟର, ରେଡ଼ମିଟ, ଅଧିକ ମିଠାଦ୍ରବ୍ୟ, ଅଧିକ ଲୁଣ ତେଲ ମସଲା ଖାଦ୍ୟ, ଚକୋଲେଟ, ହ୍ୱାଇଟ ବ୍ରେଡ୍, ଚିପସ୍, ଆଇସକ୍ରିମ, ପେଷ୍ଟ୍ରି କୁକଜ, କେକ ଆଦି ବଦଳରେ କମଳା, ଚେରି, ଷ୍ଟ୍ରବେରୀ, ତରଭୁଜ, ଲେମ୍ବୁ ଆଦି ଫଳ ସେବନ କରିପାରିବେ। ୟୁରିକ ଏସିଡ୍‌କୁ ନିୟନ୍ତ୍ରଣରେ ରଖିବାକୁ ଦୁଗ୍ଧ ଗ୍ରୀନଟି, କଫି, ଟମାଟୋ, କାକୁଡ଼ି, ପିଆଜ ଆଦି ଖାଇପାରିବେ। ପ୍ରଚୁର ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀରରେ ଜମା ହୋଇଥିବା ଅପଶିଷ୍ଟ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ ମିଳିଥାଏ। ନିୟମିତ ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହିବ।

ପ୍ରାକ ମଧୁମେହ ପାଇଁ ଡାଏଟ : ପୂର୍ଣ୍ଣ ମଧୁମେହ ରୋଗୀ ହେବା ପୂର୍ବରୁ ଖାଦ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣି ପାରିଲେ ଏଥିରୁ ମୁକ୍ତି ପାଇପାରିବେ। ତେଣୁ ପ୍ରାକ ମଧୁମେହ ଖାଦ୍ୟରେ ଅନ୍ତର୍ଭୁକ୍ତ ଖାଦ୍ୟ ହେଉଛି ଆଲମଣ୍ଡ। ଏହା ପ୍ରୋଟିନରେ ସମୃଦ୍ଧ, ସୁସ୍ଥ, ଚର୍ବି ଏବଂ ଫାଇବରରେ ଭରପୂର। ଏହା ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ମୁଠାଏ ଆଲମଣ୍ଡ ଖାଇବା ଉଚିତ। ସେହିପରି ପାଳଙ୍ଗ, ମେଥି, କୋଶଳା ଶାଗ ପରି ସବୁଜ ପତ୍ର ପରିବାରେ ଶ୍ୱେତସାର କମ ଥାଏ। ତେଣୁ ତନ୍ତୁ ଅଧିକ ଥିବା ଯୋଗୁଁ ରକ୍ତରେ ଶର୍କରାସ୍ତର ବଜାୟ ରଖିବା ପାଇଁ ଏସବୁ ଭଲ କାମ ଦେଇଥାଏ।

ଏହି ପରିବାରେ ଭିଟାମିନ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ଥିବାରୁ ଯେଉଁମାନଙ୍କର ନିମ୍ନ ଗ୍ଲାଇସେମିକ ଇଣ୍ଡେକ୍ସ ସେମାନଙ୍କୁ ପ୍ରାକ ମଧୁମେହ ପରିଚାଳନା ପାଇଁ ଉପାଦେୟ ହୋଇଥାଏ। ମାଛ, ଚିକେନ, ଅଣ୍ଡା, ଏବଂ ଲେମ୍ବୁ ପ୍ରୋଟିନ ରକ୍ତଶର୍କରା ପରିଚାଳନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ମଧୁମେହ ରୋଗୀଙ୍କ ଖାଦ୍ୟପେୟରେ କମ କ୍ୟାଲେରୀଯୁକ୍ତ ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇପାରିବେ। ପ୍ରାକ ମଧୁମେହ ପାଇଁ ଡାଏଟିସିଆନଙ୍କ ପରାମର୍ଶ ଅନୁଯାୟୀ ଡାଏଟ ପ୍ଲାନ କରିବା ଆବଶ୍ୟକ।

କୋଲେଜନ ବୃଦ୍ଧି ପାଇଁ ରେନବୋ ଡାଏଟ : କୋଲେଜନ ହେଉଛି ଏକ ପ୍ରକାର ପ୍ରୋଟିନ, ଯାହାକି ହାଡ଼, ତ୍ୱଚା ଓ ଆଣ୍ଠୁଗଣ୍ଠି ଖଞ୍ଜାଗୁଡ଼ିକୁ ସୁସ୍ଥ ରଖିଥାଏ। କୋଲେଜନସ୍ତର ହ୍ରାସ ପାଇଲେ ତ୍ୱଚା ସମସ୍ୟା, ହାଡ଼ଜନିତ ସମସ୍ୟା ଓ ଆଣ୍ଠୁଗଣ୍ଠି ଦରଜ ଆଦି ଦେଖାଯାଏ। ତେଣୁ ଶରୀରରେ କୋଲେଜନ ସ୍ତର ବୃଦ୍ଧି ପାଇଁ ରେନବୋ ଡାଏଟ ଆପଣାଇ ପାରିବେ। ଏହି ଡାଏଟରେ ଇନ୍ଦ୍ରଧନୁର ସାତଟି ରଙ୍ଗ ପରି ସମସ୍ତ ରଙ୍ଗର ଫଳ ଓ ପନିପରିବା ସାମିଲ କରାଯାଏ। ଡାଏଟରେ ଟମାଟୋ, ସେଓ, ଷ୍ଟ୍ରବେରୀ, ସିମଲା ଲଙ୍କା, ବିଟ, ତରଭୁଜ ଆଦି ସେବନ ଦ୍ୱାରା କର୍କଟ ଏବଂ ହୃଦଜନିତ ରୋଗରୁ ସୁରକ୍ଷା ଦିଏ। ଖାଦ୍ୟରେ ଅମୃତଭଣ୍ଡା, ଡାଳିମ୍ବ, ଲେମ୍ବୁ, ଆମ୍ବ, ଖରଭୁଜ ଆଦି ସାମିଲ କରିବା ଉଚିତ।

ସବୁଜ ପନିପରିବାରେ ଆଣ୍ଟିଅକ୍ସିଡାଣ୍ଟ, ଫୋଲେଟ ଏବଂ ଲୌହସାର ରହିଥାଏ। ତେଣୁ ଡାଏଟିସିଆସନଙ୍କ ପରାମର୍ଶରେ ଖାଦ୍ୟ ପାଳଙ୍ଗ, ମେଥି, ବଥୁଆ, ପତ୍ରକୋବି, ବିନ୍ସ, ମଟର, ବ୍ରୋକୋଲି, କଦଳୀ, କାକୁଡ଼ି, ଅଙ୍ଗୁର, ପୁଦିନା ଆଦି ଖାଇ ପାରିବେ। ଜାମୁକୋଳି, କଳାଅଙ୍ଗୁର, ବାଇଗଣ, ବ୍ଲାକବେରୀ ଏବଂ ବ୍ଲୁବେରୀ ଆଦି ଡାଏଟରେ ସାମିଲ କରାଯାଇପାରିବ। ଆଳୁ, ରସୁଣ, ପିଆଜ, ଅଦା, ଛତୁ, ଫୁଲକୋବି, କଦଳୀ, ଶାଲଗମ ଆଦି ଖାଦ୍ୟରେ ପୋଷକତତ୍ତ୍ୱ ଏବଂ ପୋଟାସିୟମ ମିଳିଥାଏ। ରସୁଣରେ ଥିବା ସଲଫର ମଧ୍ୟ କୋଲେଜନସ୍ତରକୁ ହ୍ରାସ ହେବାକୁ ଦିଏ ନାହିଁ। ତେବେ ଡାଏଟ ତାଲିକା ପ୍ରସ୍ତୁତ ପୂର୍ବରୁ ଡାଏଟିସିଆନଙ୍କ ପରାମର୍ଶ ନେବା ଜରୁରୀ।

ହରମୋନ ସନ୍ତୁଳନ : ହରମୋନ ସନ୍ତୁଳନ ପାଇଁ ନିମ୍ନ ବର୍ଗର ପିଜା, ଫ୍ରିଜରଭେଟିଭ ଖାଦ୍ୟ, ଚିନି ଓ କାର୍ବୋହାଇଡ୍ରେଟଯୁକ୍ତ ଖାଦ୍ୟ ପରିତ୍ୟାଗ କରିବା ଉଚିତ। ତା ବଦଳରେ ପ୍ରୋଟିନ, ଭିଟାମିନ, ଖଣିଜ, ଆଣ୍ଟିଅକ୍ସିଡାଣ୍ଟ, ମ୍ୟାଗ୍ନେସିୟମ, ଫାଇବରଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ହରମୋନ ସନ୍ତୁଳନ ରକ୍ଷା କରିବାକୁ ଡାଏଟରେ ଅଣ୍ଡା, ଡାଲି, ମାଛ, ଓଟସ, ବ୍ରାଉନ ରାଇସ, କୋଦ, ମାଣ୍ଡିଆ, ମକା, ବାଜରା, ପାଳଙ୍ଗ ମେଥି ସୋରିଶ ଶାଗ, ତଥା ବିଭିନ୍ନ ପତ୍ରଯୁକ୍ତ ପରିବା ସାମିଲ କରାଯାଇପାରିବ। ଦୈନିକ ୮ରୁ ୧୦ ଗ୍ଲାସ ପାଣି ପିଇବା ଆବଶ୍ୟକ। ହର୍ବାଲ ଟି, ପଇଡ଼ ପାଣି ସୁପ, ତରଳପେୟ ଗ୍ରହଣ କରିପାରିବେ।

ପଥୁର ରୋଗ ପାଇଁ ଡାଏଟ : ପଥୁର ରୋଗୀମାନେ ବିଶେଷ କରି ଗାଜର, କଲରା ଆଦି ପରିବା ଖାଇବା ଉଚିତ। ଏହା ଶରୀରରେ ଷ୍ଟୋନ ବା ପଥର ନିରୋଧକ ଭାବେ କାର୍ଯ୍ୟ କରିଥାଏ। ପଇଡ଼ ପାଣିରେ ପୋଟାସିୟମ ଓ ମାଗ୍ନେସିୟମ ଅଧିକ ପରିମାଣରେ ଥାଏ। ତେଣୁ ଏହାକୁ ପିଇବା ଦ୍ୱାରା ଶରୀରରେ ପଥର ସୃଷ୍ଟି କରିବାକୁ ରୋକିଥାଏ। ସପୁରି ଜୁସ, କଦଳୀ ପଥର ଭାଙ୍ଗିବାରେ ସାହାଯ୍ୟ କରେ ପଥୁରି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଲେମ୍ବୁ, ବାର୍ଲି ଏବଂ ଓଟସ ମଧ୍ୟ ଖାଇ ପାରିବେ।

ଏଥିରେ ପ୍ରଚୁର ମ୍ୟାଗ୍ନେସିୟମ ରହିଥିବାରୁ ଶରୀରରେ ପଥର ସୃଷ୍ଟି କମ ହୋଇଥାଏ। ଆଲମଣ୍ଡ ବା ବାଦାମରେ ମଧ୍ୟ ପୋଟାସିୟମ ଓ ମ୍ୟାଗ୍ନେସିୟମ ଅଧିକ ପରିମାଣରେ ରହିଥାଏ। ବାଦାମ ଖାଇଲେ ଏହା ପଥୁରି ରୋଗ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରିଥାଏ। ବିଶେଷ କଥା ହେଉଛି ପ୍ରତିଦିନ ଅତି କମରେ ୧୦ରୁ ୧୨ ଗ୍ଲାସ ପାଣି ପିଇବା ଆବଶ୍ୟକ। ଉଷୁମ ପାଣିରେ ଅଳ୍ପ ସାଧାରଣ ପାଣି ମିଶାଇ ପିଇବା ଉଚିତ। ସେହିପରି ଦୁଗ୍ଧଜାତ ଦ୍ରବ୍ୟ ପରି ଏବଂ କୋଲା, କଦଳୀ, ଚକୋଲେଟ ପରି ଉଚ୍ଚ ଅକ୍ସାଲେଟ ଖାଦ୍ୟ ଗ୍ରହଣକୁ ସୀମିତ ରଖିବା ଉଚିତ। ପଥୁରି ରୋଗରୁ ରକ୍ଷା ପାଇଁ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ। ଆଣ୍ଟାସିଡ ଅଧିକ ବ୍ୟବହାର କରିବା ଅନୁଚିତ।

ହୃଦପିଣ୍ଡ ଜନିତ ସମସ୍ୟା ପାଇଁ ଖାଦ୍ୟପେୟ : ହୃଦପିଣ୍ଡଜନିତ ସମସ୍ୟାକୁ କମ କରିବାକୁ ହେଲେ ମାଂସ, ପନିର, ଘିଅ ଆଦି ଚର୍ବିଜାତୀୟ ଖାଦ୍ୟ ଯେତେ ସମ୍ଭବ ନଖାଇବା ଭଲ। ମୃଦୁପାନୀୟ ଏନର୍ଜି ଡ୍ରିଙ୍କ ଆଦିଠାରୁ ଯଥା ସମ୍ଭବ ଦୂରେଇ ରହିବା ଉଚିତ। ଯଦି ହୃଦଜନିତ ରୋଗର ଚିକିତ୍ସା ପରେ ମାଛ ଖାଉଛନ୍ତି, ଅଳ୍ପ ଚର୍ବିଜାତୀୟ ଚୁନାମାଛ ଖାଇପାରିବେ। ଅଣ୍ଡାର ଧଳାଅଂଶ ବି ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ସହିତ ଅଧିକ ମାତ୍ରାରେ ପନିପରିବା, ତନ୍ତୁଜାତୀୟ ଖାଦ୍ୟ ହୃଦୟ ପାଇଁ ହିତକର। ଫଳ, ମିଲେଟ, ବ୍ରାଉନ ରାଇସ, ଡାଲି ଆଦି ମଧ୍ୟ ହିତକର ହୋଇଥାଏ। ମଧୁମେହରେ ପୀଡ଼ିତ ରୋଗୀ ଆଳୁ, କନ୍ଦମୂଳ, ଦେଶୀଆଳୁ ଭଳି ଅଧିକ ଶର୍କରା ଜାତୀୟ ଖାଦ୍ୟ ଠାରୁ ଦୂରେଇ ରହିବାକୁ ହେବ। ଯଦି ହୃଦଘାତ ପରେ ହୃଦୟର କାର୍ଯ୍ୟକ୍ଷମ କମି ଯାଇଥାଏ ତେବେ ୧୫୦୦ ମିଲି ଲିଟରରୁ କମ ପାଣି ପିଇବାକୁ ହୋଇଥାଏ। ଏହାସହ ନିୟମିତ ଭାବେ ହୃଦରୋଗ ବିଶେଷଜ୍ଞଙ୍କୁ ପରାମର୍ଶ ନେବା ନିହାତି ଉଚିତ।

ଅଧିକାଂଶ ନିଜ ଅଜାଣତରେ ଆଚାର, ପାମ୍ପଡ଼, ମିକ୍ସଚର ଆଦି ଅଧିକ ଲୁଣଯୁକ୍ତ ଖାଦ୍ୟ ଦେଇଥାଆନ୍ତି ହେଲେ ହୃଦରୋଗୀମାନେ ଏହି ଖାଦ୍ୟ ଖାଇବା ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଜରୁରୀ। ଫ୍ରୁଟଜୁସ ଅପେକ୍ଷା କଟାଫଳ ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ। ପୋଟଳ, କଲରା, ଟମାଟୋ, ଲେମ୍ବୁ, ବ୍ରୋକଲି, ଗାଜର, ସେଓ, କଦଳୀ, କଳା ଅଙ୍ଗୁର, ଏପ୍ରିକଟ୍ସ, ଅଖରୋଟ, ବିନ୍ସ, ଅମୃତଭଣ୍ଡା, ଶିମଲାଲଙ୍କା, ପିଜୁଳି, ନାସପାତି ଆଦି ଖାଇପାରିବେ। ହୃଦରୋଗୀମାନେ ଫ୍ରୋଜେନଯୁକ୍ତ ଖାଦ୍ୟପେୟ କିମ୍ବା ଡବାବନ୍ଦ ଖାଦ୍ୟ ପଦାର୍ଥ ଠାରୁ ଦୂରେଇ ରହିବା ଭଲ। ତେବେ ଯେ କୌଣସି ରୋଗ ବା ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜଣେ ବରିଷ୍ଠ ଓ ଅଭିଜ୍ଞ ଡାଏଟିସିଆନଙ୍କ ପରାମର୍ଶ ଅନୁଯାୟୀ ଡାଏଟ ତାଲିକା ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ।

+ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ୍,
ମଙ୍ଗଳାବାଗ, କଟକ,
ମୋ: ୯୪୩୮୨୭୬୭୬୦

# ଧନ୍ୟବାଦ, ଟାଟା ପାୱାର (ବାଲେଶ୍ୱର)



## ସୁବ୍ରତ କର

ଆମ ରାଜ୍ୟ ଉପରେ ବିପଦ ଉପରେ ବିପଦ । ଆରମ୍ଭ ହେଲା ଆମର ଜଗନ୍ନାଥ ମହା ପ୍ରଭୁଙ୍କ ପାଖରୁ । ସରକାର ଏତେ ଚେଷ୍ଟା କରିଲେ କିନ୍ତୁ କିଛି କରି ପାରିଲେ ନାହିଁ । ରଥ ଯାତ୍ରାରେ ଖୁବ୍ କମ୍‌ରେ ୩ଜଣ ଲୋକ ପ୍ରାଣ ହରାଇଲେ ଏବଂ ଅନେକ ଲୋକ ଗୋଡ଼ ହାତ ମଧ୍ୟ ଭାଙ୍ଗିଲେ । ସରକାର ଆରମରେ କିଛି ଲକ୍ଷ ଟଙ୍କା ବାଣ୍ଟିଦେଇ ନିଶ୍ଚିତ ହେଲେ । ଯେଉଁମାନେ ନିଜ ନିଜର ଲୋକଙ୍କୁ ହରାଇଲେ ସେମାନେ କେତେ ପରିମାଣରେ କ୍ଷତିଗ୍ରସ୍ତ ହେଲେ ଜଗା ଛଡ଼ା କେହି ବୁଝି ପାରିବେ ନାହିଁ । ଏପଟେ କିନ୍ତୁ ମନ୍ତ୍ରୀ ହୁଅନ୍ତୁ ବା ମୁରବି ଅଫିସର ମାନେ କାଳିଆର ପାଖ ହେବା ପାଇଁ ନିଜ ଭିତରେ ଟଣା ଉଟରା । ହୁଏତ ସେଇଠୁ ଆମ ରାଜ୍ୟକୁ ବିପଦ ମାଡ଼ି ଆସିଲା । ଚାରିଆଡ଼େ ପାଣି ଆଉ ପାଣି । ଅନେକ ଏହି ଅସୁବିଧାର ସମ୍ମୁଖୀନ ହୋଇ ନପାରି ପ୍ରାଣ ହରାଇଛନ୍ତି । ହଜାର ହଜାର ଘର ଦ୍ୱାର ଭାଙ୍ଗି ପଡ଼ିଛି । ଅନେକ ଏବେ ନିଜ ନିଜର ଘରଛଡ଼ା । ସରକାର ଦେଉଥିବା ସୁଖିଲା ଏବଂ ରନ୍ଧା ଖାଦ୍ୟ ଖାଇ ଦିନ କଟାଉଛନ୍ତି । ଘରକୁ କେବେ ଫେରିବେ ଠିକଣା ନାହିଁ । ସବୁଠୁ ଦୁଃଖର କଥା ହେଉଛି ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଆମର ଗାଁ, ଗହଳି ହେଉ ବା ବଡ଼ ସହରର ରାସ୍ତା ଉପରେ ନିର୍ଭର କରି ହେଉ ନାହିଁ । ବନ୍ୟା ସମୟରେ ଅସୁବିଧାର ସମ୍ମୁଖୀନ ହୋଇ ଲୋକେ ଡାକ୍ତରଖାନା ପହଞ୍ଚିପାରୁ ନାହାନ୍ତି ବାଟରେ ମରୁଛନ୍ତି । ଆମ ରାଜ୍ୟ କେବେହେଲେ ଏବେ ଘଟି ଯାଇଥିବା ବନ୍ୟା ପାଇଁ ପ୍ରସ୍ତୁତ ନୁହଁ । ବନ୍ୟା ଆସିଲେ ଆମର ପ୍ରସ୍ତୁତି ଆରମ୍ଭ ହୁଏ ଏବଂ କିଛିଟା ଆଗେଇଲା ପରେ ସେତେବେଳେ ବନ୍ୟା ଛାଡ଼ିବାକୁ ଆରମ୍ଭ କରିଲାଣି । ସବୁ ଭୁଲିଯିବା ଏବଂ ଶେଷ ଆସନ୍ତା ବର୍ଷକୁ ଅପେକ୍ଷା କରିବା । ମୋ ମତରେ କିଛି ଅଭିଜ୍ଞତା ଥିବା ଲୋକଙ୍କୁ ନେଇ ଏକ ଛୋଟ ବିଭାଗ ତିଆରି କରି ସେମାନଙ୍କୁ ସାରା ବର୍ଷର ଦାୟିତ୍ୱ ଦେଲେ କେମିତି ହୁଅନ୍ତା । ଗୋଟାଏ ମନ୍ତ୍ରୀଙ୍କୁ ଏତେ ଗୁଡ଼ାଏ ବିଭାଗ ଦେବା କଣ ଠିକ୍ । ସରକାର ବିଚାରିବେ ବୋଲି ମୋର ଆଶା । ଏବେ ଆସିବା ଟାଟା ପାୱାର ପାଖକୁ । ଏହି ସଂସ୍ଥାଟି ଆମ ରାଜ୍ୟକୁ ଅଳ୍ପଦିନ ହେବ ଆସିଛି ଏବଂ ସାରା ରାଜ୍ୟରେ ଲାଇଟ ଜଳାଇବା ମୂଳ କାମ । ମୋ ମତରେ ଏବେ ଏତେ ବଡ଼ ବର୍ଷା, ଝଡ଼ ଏବଂ ବନ୍ୟାରେ ସେହି ସଂସ୍ଥାଟି ନିରବଚ୍ଛିନ୍ନ ଭାବରେ ଆମକୁ ଆଲୋକ ଯୋଗାଇ ପାରିଛନ୍ତି । ଗତ ସାତ ଦିନ ମଧ୍ୟରେ ଦୁଇ ତିନି ଥର ଅଳ୍ପ ସମୟ ପାଇଁ ବାଲେଶ୍ୱରରେ ଆଲୋକ ନଥିଲା । ବନ୍ୟା ପାଇଁ ଏବଂ ବର୍ଷା ପାଇଁ ଆମ ଜିଲ୍ଲାକୁ ସରକାର ଏକ ନମ୍ବରରେ ରଖିଥିଲେ । କିନ୍ତୁ ମୋ ମତରେ ଟାଟା ପାୱାର ଅତି ସୁନ୍ଦର ଭାବରେ କାର୍ଯ୍ୟ ତୁଲାଇ ବାଲେଶ୍ୱର ବାସୀଙ୍କୁ ଅନେକ ବିପଦରୁ ବଞ୍ଚାଇ ପାରିଛନ୍ତି । ଟାଟା ପାୱାର ମୋର ଜାଣିବାର ଅତି ପୁରୁଣା ସଂସ୍ଥା । ସତୁରୀ ଦଶକରେ ଏହି ସଂସ୍ଥା ବମ୍ବେ ସହରର ଦାୟିତ୍ୱ ନେଇଥିଲା ଆଲୁଅ ଦେଖାଇବା ପାଇଁ । ସେତେବେଳେ ସେମାନେ ବେଷ୍ଟ ଥିଲେ ଏବଂ ଆଜି ମଧ୍ୟ ବେଷ୍ଟ ।

କବିତା କୋଣାର୍କ

# ଥକି ଯାଇଥିବା ପାଦ ହଳକ



## ତନ୍ମୟ କୁମାର ଭଳ

ରାତିରେ ଆଖିରେ ନିଦ ଆସୁ କି ନଆସୁ
ସ୍ୱପ୍ନଟିଏ ଆସେ ନିଶ୍ଚିତ
ପ୍ରତିଥର ତୁମକୁ
ମୁଁ ନୂଆ ରୂପରେ ଦେଖେ
ନୂଆ କରି ଭୋଗେ
ଜାଣିଛ
ପ୍ରେମ ଗୋଟେ ନଇ
ବହି ଚାଲିଥାଏ ତ
ଅଟକିବାର ନାଆଁ ନିଏନି

ସେଦିନ ରାତିରେ,
ଆଖିରେ ନିଦଥିଲା ଅତିରୁ ଅଧିକ
ତଥାପି ଶୋଇପାରୁଥିଲି, ନା ଜୀବନର
ଆଦିଶତ୍ରୁ ଅନ୍ଧାର ସହ
ସାଲିସ କରିପାରୁଥିଲି
ନିଦଠାରୁ ଆଖିର ବେଳାଭୂମିରେ
ଅଧିକ ଲହଡ଼ି ଭାଙ୍ଗୁଥିଲା ଭୟ
ବନ୍ଦୀ ପରି କରୁଥିଲି ଅନୁଭବ
ବନ୍ଦଥିଲା ଆତ୍ମ ସ୍ୱାଭିମାନର କାରାଗାର
ନିଜକୁ ସଂଜତ କରିବାର କଳା
ଜାଣିଥିଲେ ମଧ୍ୟ
ନିଜପାଖେ ହାରୁଥିଲି ବାରମ୍ବାର

ମନର ଦେଶରେ ହେଉଥିଲା
ଠିକ୍ ଭୁଲର ଆନ୍ଦୋଳନ
ଠିକ୍ ଯଦି ଭୁଲ୍ ହୋଇଯାଏ
ତେବେ ଭୁଲିଯିବେ ସଭିଏଁ
କିନ୍ତୁ ଭୁଲ୍ ଯେବେ ଠିକ୍ ହୋଇଯାଏ
ତେବେ ଭାଙ୍ଗିଯିବ ଭରଷା
ସରିଯିବ ବିଶ୍ୱାସ
ଲିଭିଯିବ ଓଠରୁ ହସ
କେହିକେହି ଦେଖିବେ
ପଳାଶ ଦେହରେ ବିଦ୍ରୋହର ବହ୍ନି
ଆତ୍ମୀୟ ଆଖିରେ ଥିବ
ରକ୍ତ କଣିକାର ଅଗ୍ନି
ପରିଶେଷରେ ତୁମପାଖେ ମଧ୍ୟ
ନଥିବ କ୍ଷମା
ଯଦିଓ କହିପାରୁନଥିବି
ମୁଁ ନିର୍ଦ୍ଦୋଷ ବୋଲି.....

+କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୮୩୨୭୭୬୫୯୦୨

# ମୋ ପ୍ରିୟତମାର ଗାଆଁ

## ଜୟନ୍ତ କୁମାର ମଲ୍ଲିକ୍



ବନ୍ୟାରେ ତ ଏବେ ହୁଏ ଉବୁଟୁବୁ
ମୋ ପ୍ରିୟତମାର ଗାଆଁ -
ଗଣମାଧ୍ୟମରେ ହୁଏ ପ୍ରଚାରିତ
ସେଇ ଗାଆଁଟିର ନାଆଁ ।
ଦୁରୁବଳ ନଦୀବନ୍ଧ ସବୁ ଭାଙ୍ଗି
ଦେଇଛି ନଈର ସୁଅ-
ଦାଣ୍ଡେ ଖେଳୁ ଖେଳୁ ଭାସି ଯାଇଅଛି
ଜଞ୍ଜାଳି ନାନୀର ପୁଅ ।
ରୋଇଥିଲା ଧାନ ବିସୁନିଆ ଅଜା
ପାଣି ନେଲା ସବୁ ଧୋଇ-
କାଳିଆ ପାଳରେ ପରିବାଟେ ନାହିଁ
ପଚିକି ଭାସୁଛି ପୋଇ ।
ମାଗଣା ଚାଉଳ ସବୁ ଭିଜିଯାଇ
ହୋଇଛିତ ନଷ୍ଟଭ୍ରଷ୍ଟ-
ପ୍ରିୟତମା ମୋର ମୋବାଇଲ ଯୋଗେ
ଜଣାଇଛି ଦୁଃଖ କଷ୍ଟ ।
ଯିବାକୁ ଚାହିଁଲେ ଯାଇ ପାରୁନାହିଁ
ରାସ୍ତାରେତ ଚାଲେ ପାଣି-
ବୈତରଣୀ ନଦୀ ସେପଟେ ଫୁଲଇ
ଏପଟେ ଡରାଏ କାଣି ।
ସଜଡ଼ା ଘରକୁ ଉଜାଡ଼ିଛି ବନ୍ୟା
ରିଲିଫ ବଞ୍ଚାଏ ପ୍ରାଣ-
ତା'ପାଖରେ ଯାଇ ପହଞ୍ଚିବା ଲାଗି
ପକାଇଛି ପ୍ରିୟା ରାଣ ।
ପାଦରେ ମୋହର ପଡ଼ିଛି ଶୃଙ୍ଖଳ
ଚାହିଁଲେ ନପାରେ ଯାଇ-
ଭାବୁଛି କା'ହାତେ ଜରୁରୀ ଜିନିଷ
ଦେବି ସେଠି ପହଞ୍ଚାଇ ।
ଫୋଅନ ପେଏରେ ଦଶ ହଜାର ମୁଁ
ଦେଇଥିଲି ଗତକାଲି -
ସାହା ହେବେ ନିଶ୍ଚେ ମୋ ପ୍ରିୟତମାକୁ
ପ୍ରଭୁ ବଜରଙ୍ଗ ବାଲି ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୪୭୨୬

# ନିଦ ଭାଙ୍ଗିବା ପରେ

ଜ୍ଞାନେନ୍ଦ୍ର କୁମାର ପଣ୍ଡା



ଏହି ସାଧାରଣ ଘଟଣାଟି ମୋର ପ୍ରାୟତଃ ମନେପଡ଼େ। ବିଶେଷକରି ସେ ଏକ ଅପରାହ୍ନର ଛାଇ ଆଲୁଅ ସନ୍ଧିକ୍ଷଣରେ, ଯେତେବେଳେ ଆମ ଘରର ସାମ୍ନା ଗେଟ୍‌ଟି ଖୋଲାରହେ ଆଉ ମୁଁ ସେହି ପଥ ଦେଇ ନିଛାଟିଆ ରାସ୍ତା ଆଡ଼କୁ ଚାହିଁରହେ, ମୋତେ ଲାଗେ ଯେମିତି ନିୟତିର କେଉଁ ଏକ ନିର୍ବାସିତ ପ୍ରାଣୀ ନିଜର ଅଜ୍ଞାତ ଗନ୍ତବ୍ୟକୁ ଯିବାକୁ ବ୍ୟାକୁଳ ହେଉଛି। ମାତ୍ର ଯିବାର ଠିକଣାଟି ସେ ସମ୍ପୂର୍ଣ୍ଣ ଭୁଲିଯାଇଛି। ଅଥଚ ଚେତନାର ଶିଳାଲେଖରେ ଖୋଦିତ ହୋଇ ରହିଯାଇଥିବା ମୋର ଏହି ପ୍ରକାର ଅନୁଭୂତିର ସୂତ୍ରପାତ କୌଣସି ମହାନ୍ ମାନବୀୟ ଘଟଣାରୁ ହୋଇନ'ଥିଲା, ତାହା ଥିଲା ଗୋଟିଏ କ୍ଷୁଦ୍ର ନିରାଶ୍ରୟ କୁକୁର ଛୁଆ !

ସେଦିନ ମାନଙ୍କରେ ଆମ ଘରର ନିର୍ମାଣ କାର୍ଯ୍ୟ ପାଇଁ ଇଟା, ବାଲି ଏସବୁ ଆସି ଜମା ହେଉଥିଲା। ଗୋଟିଏ ସକାଳର କଥା। ବାଲୁକାରାଶି ପୂର୍ଣ୍ଣ କରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଆସି ସକାଳୁ ଘର ଆଗରେ ଅଟକିଲା। ଯେତେବେଳେ ଟ୍ରଲିରୁ ବାଲି ତୀବ୍ର ଜଳପ୍ରପାତ ପ୍ରାୟ ଶବ୍ଦ କରି ତଳକୁ ଖସୁଥାଏ, ସେହି ବାଲି ଭିତରୁ ହଠାତ୍ ଗୋଟିଏ କ୍ଷୁଦ୍ର ଜୀବନଟିଏ ତଳକୁ ଛିଟିକି ପଡ଼ିଲା।

ଆମେ ସମସ୍ତେ ଅଳ୍ପ ବହୁତ ସ୍ତବ୍ଧ ଆଉ ନିର୍ବାକ୍ ହୋଇ ରହିଗଲୁ ।

ସେ ବୋଧହୁଏ କୌଣସି ନଦୀ ପଠାରେ ଅଥବା କେଉଁ ବାଲିଖାଦାନର ଶୀତଳ ଶଯ୍ୟାରେ ନିଶ୍ଚିନ୍ତରେ ଶୋଇପଡ଼ିଥିଲା । ଯେତେବେଳେ ତା'ର ନିଦ୍ରା ଭଙ୍ଗ ହେଲା, ସେ ନିଜର ପରିଚିତ ଜଗତ, ନିଜର ମା' ତଥା ସହଚରମାନଙ୍କଠାରୁ ବହୁ ଦୂରକୁ ନିର୍ବାସିତ ହୋଇସାରିଥିଲା।

ଏସବୁ ବିଶ୍ଳେଷଣ ଅବଶ୍ୟ ମୋର ପରବର୍ତ୍ତୀ କାଳର ଭାବନା। ସେତେବେଳେ ଆମେ କେବଳ ଏତିକି ଦେଖିଥିଲୁ କି ଏକ ଧୂଳିଧୂସରିତ କୁକୁର ଛୁଆଟିଏ ବାଲି ଗଦାରୁ ବାହାରି ଆସିଛି। ସେ ଆଦୌ ଭୟଭୀତ ନ'ଥିଲା । ତା' ଆଖିରେ ଥିଲା କେବଳ ପରମ ବିସ୍ମୟ । ସେ ଚାରିଆଡ଼କୁ ଚାହୁଁଥିଲା। ଯେପରି ତା'ର ଅଶ୍ରୁଳ ନୟନ ପଚାରୁଥିଲା,

- 'ମୁଁ ଏବେ କେଉଁଠାରେ ଅଛି ? ମୋତେ କେଉଁ ଅପରାଧର ଶାସ୍ତି ସ୍ୱରୂପ ଏହି ଅଚିହ୍ନା ଗ୍ରହକୁ ଅଣାଯାଇଛି ?'

ଆମ ଘରେ ଯେଉଁ କେତୋଟି ପୋଷା ପରି ବସା ବାନ୍ଧିଥିବା କୁକୁର ଥିଲେ ସେମାନଙ୍କ ତୁଳନାରେ ସେ ଅତି କ୍ଷୁଦ୍ର ଓ ଅସହାୟ ଦିଶୁଥିଲା। ତେଣୁ ଆମେ ତାକୁ ଆଦରରେ ଘର ପଛକୁ ନେଇଆସିଲୁ। କିଛି ଦିନ ସେ ନୂଆ ପାଣିପବନରେ ଅସୁସ୍ଥ ରହିଲା । ସତେ ଯେମିତି ତା'ର ଦେହ ଏହି ଅଜ୍ଞାତ ପରିବେଶକୁ ସହଜରେ ସ୍ୱୀକାର କରିପାରୁନ'ଥିଲା । ଧୀରେ ଧୀରେ ସେ ସୁସ୍ଥ ହେଉଥାଏ। କୌଣସି ଆନୁଷ୍ଠାନିକ ନିଷ୍ପତ୍ତି ବିନା ହିଁ ସେ ଆମ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ବି ସାଜିଗଲା।

ସଂସାରର ସମସ୍ତ ଗଭୀର ସମ୍ପର୍କ କୌଣସି ଚୁକ୍ତିନାମାରୁ ଆରମ୍ଭ ହୁଏନାହିଁ । କେବେକେବେ ନିୟତି କାହାକୁ ଅପ୍ରତ୍ୟାଶିତ ଭାବେ ଆଣି ଆମ ସମ୍ମୁଖରେ ନିକ୍ଷେପ କରେ। କେହି ତାକୁ ରହିବାକୁ କହେନାହିଁ ମାତ୍ର ସେ ଆମ ଆତ୍ମାରେ ନିଜର ଅଧିକାର ସାବ୍ୟସ୍ତ କରିନିଏ । ଆଉ ଦିନେ ଜଣାପଡ଼େ, ତା'ର ଅନୁପସ୍ଥିତିରେ ଆମ ସମଗ୍ର ଘରଟି ଗୋଟିଏ ଶୂନ୍ୟ ପଞ୍ଜୁରୀ ଭଳି ପ୍ରତୀତ ହେଉଛି ।

ତା'ର ଗୋଟିଏ ନାମ ମଧ ରଖାଯାଇଥିଲା। କିନ୍ତୁ ସମୟର କରାଳ ଗର୍ଭରେ ସେହି ନାମଟି ଆଜି ମୋ ସ୍ମୃତିର ପୃଷ୍ଠାରୁ ଲିଭିଯାଇଛି । ତା'ର କାରଣ ଏହା ନୁହେଁ ଯେ ସେ ଆମ ପାଇଁ ଅଲୋଡ଼ା ଥିଲା। ସେତେବେଳେ ଆମ ଅଗଣାରେ ଆହୁରି ଅନେକ କୁକୁର ପରିପୋଷିତ ହୋଇ ଘୁରି ବୁଲୁଥିଲେ ଏବଂ ସେ ସଭିଙ୍କର ଗୋଟିଏ ଗୋଟିଏ ନାମ ମଧ ଦିଆଯାଇଥିଲା। ବର୍ଷ ବର୍ଷର ସମୟ ସ୍ରୋତରେ ସେହି ସବୁ ନାମଗୁଡ଼ିକ ମନର ସିନ୍ଦୁକ ଭିତରେ ପରସ୍ପର ସହିତ ଏମିତି ମିଶିଯାଇଛନ୍ତି ଯେ ସେମାନଙ୍କୁ ଏବେ ପୃଥକ କରିବା ଅସମ୍ଭବ ମନେହୁଏ । ମାତ୍ର ତା'ର ସେହି ଦୀପ୍ତିମନ୍ତ ଦୁଇଟି ଆଖି ମୋର ଆଜି ବି ସ୍ପଷ୍ଟ ମନେଅଛି। ବାଲି ଉପରୁ ତଳକୁ ଖସି ଚାରିଆଡ଼କୁ ଅନାଇବାର ସେହି ପ୍ରଥମ କାରୁଣ୍ୟ ମୋ ଚେତନାରେ ସତେଜ ଅଛି ।



ତା'ର ଆଉ ଗୋଟିଏ ବିଚିତ୍ର ଅଭ୍ୟାସ ଥିଲା। ସେ ଆମ ଘରର ସାମ୍ନା ଫାଟକକୁ ଘଣ୍ଟା ଘଣ୍ଟା ଧରି ନିମେଷହୀନ ନୟନରେ ଚାହିଁ ରହୁଥିଲା। ସେହି ଫାଟକଟି ତା' ପାଇଁ ଯେମିତି କୌଣସି ମହାଜାଗତିକ ପ୍ରବେଶ ପଥ ଥିଲା, ଯାହାର ଆରପାରିରେ ତା'ର କେଉଁ ପୂର୍ବଜନ୍ମର ହଜିଯାଇଥିବା ସାମ୍ରାଜ୍ୟ ଅବା ନିଜର ମୁକ୍ତ ସଂସାର ରହିଛି । ମୁଁ ଅନେକ ଥର ତା' ପାଖରେ ବସି ପଚାରିଛି,

- "କଣ ଦେଖୁଛୁରେ ସେମିତି ?'

ସେ ତା'ର ଆର୍ଦ୍ର ଆଖି ଦୁଇଟିରେ ମୋତେ ଥରେ ଚାହୁଁଥିଲା। ସତେ ଯେମିତି ମୋର ଅଜ୍ଞତାକୁ ଦେଖି ଉପହାସ କରୁଥିଲା ସିଏ । ମୋତେ ଟିକେ ଚାହିଁଦେଇ ପୁଣି ସେହି ଖୋଲା ରାସ୍ତା ଆଡ଼କୁ ମୁହଁ ବୁଲାଇ ନେଉଥିଲା । ମୁଁ ଭାବୁଥିଲି ସେ ବାହାରକୁ ଯିବାକୁ ଚାହୁଁଛି । କିନ୍ତୁ ସେ ହୁଏତ ତା'ର ସୁପ୍ତ ଚେତନା ଭିତରେ ଖୋଜି ବୁଲୁଥିଲା ନିଜର ହଜିଯାଇଥିବା ପ୍ରକୃତ ସଂସାରକୁ। ଅଥଚ, ପ୍ରକୃତରେ ସେହି ରହସ୍ୟଟି କଣ, ଯାହାକୁ ଭେଦ କରିବା ମୋ ପକ୍ଷେ ଅସମ୍ଭବ ଥିଲା ।

ଋତୁ ପରିବର୍ତ୍ତନ ହେଲା । ଆଉ ଦିନେ ପୁଣି ଘରର ବାକି କାର୍ଯ୍ୟ ପାଇଁ ସେହି ବାଲୁକା ବୋଝେଇ ଯାନ୍ତ୍ରିକ ରଥ ସବୁ ଆସି ଘର ଆଗରେ ପହଞ୍ଚିଲା । ସେଦିନ କର୍ମର କୋଳାହଳ ଓ ତା' ଭିତରେ ବ୍ୟସ୍ତତାରେ ଥାଇ ମୁଁ ତା' କଥା ସମ୍ପୂର୍ଣ୍ଣ ଭୁଲିଯାଇଥିଲି । ସନ୍ଧ୍ୟାରେ ଯେତେବେଳେ ସୂର୍ଯ୍ୟ ଅସ୍ତଗାମୀ ହେଲେ । ଆଖପାଖରେ ନିସ୍ତବ୍ଧତା ଛାଇଗଲା, ସେତେବେଳେ ହଠାତ୍ ମୋର ଚେତନା ଜାଗ୍ରତ ହେଲା, ଆରେ...ସେହି କୁକୁରଟି କାହିଁ ?

ସେ ଘରର କୌଣସି କୋଣରେ ନ'ଥିଲା । ଘର ପଛ ପାଖ କି ଅଗଣାରେ କେଉଁଠି ବି ନ'ଥିଲା ସେ ।

ପରଦିନ ଟ୍ରାକ୍ଟର ଚାଳକକୁ ସନ୍ଦେହରେ ପଚାରିଲି,

- "ଗତକାଲି ଆମ ଘରୁ ଗୋଟିଏ କୁକୁର ତୁମ ସହିତ ଯାଇଥିଲା କି ?"

ସେ ଆଶ୍ଚର୍ଯ୍ୟ ହୋଇ କହିଲା,

- "ନାହିଁ ବାବୁ, ମୁଁ ତ କୌଣସି କୁକୁର ଦେଖିନାହିଁ ।"

ମୁଁ ମୌନ ହୋଇଗଲି । ତା'ପରେ ମୋର ମନେହେଲା ସେ ହୁଏତ ଟ୍ରାକ୍ଟର ଉପରେ ଚଢ଼ିନଥିଲା ବରଂ ସେହି ପରିଚିତ ଗାଡ଼ିର ପଦଚିହ୍ନକୁ ଆଖିରେ ରଖି ଫାଟକ ଦେଇ ବାହାରକୁ ଚାଲିଯାଇଥିଲା । ତା'ର ସରଳ ଶିଶୁ ସୁଲଭ ମନ ବୋଧହୁଏ ଭାବିଥିଲା, ଯେଉଁ ଗାଡ଼ିଟି ତାକୁ ଦିନେ ଏଠାକୁ ଆଣିଥିଲା, ସେଇଟି ହିଁ ତାକୁ ପୁଣି ତା'ର ସେହି ହଜିଯାଇଥିବା ନଦୀପଠାର ମା' ପାଖକୁ ଫେରାଇ ନେଇଯିବ। କିନ୍ତୁ କ୍ରୁର ନିୟତିର ପରିହାସ ଏହା, ନା ଚାଳକ ମାନେରଖିଥିଲା ପୂର୍ବରୁ ବୋହି ଆଣିଥିବା ବାଲିର ପ୍ରକୃତ ଉତ୍ସ, ନା ସେହି ନିରୀହ ଜୀବଟି ଜାଣିଥିଲା ତା'ର ପ୍ରକୃତ ପଥ । ଏହି ଚିନ୍ତା ମୋ ହୃଦୟକୁ ଦୀର୍ଘ ସମୟ ଧରି ଦଗ୍ଧ କରି ରଖିଥିଲା ।

କେତେକ ଦିନପରେ ଦିନେ ଘରଠାରୁ ବହୁ ଦୂରରେ, ଧୂଳି ଉଡୁଥିବା ବ୍ୟାପ୍ତ ରାଜପଥର ଆରପାରିରେ ମୁଁ ତାକୁ ଦେଖିବାକୁ ପାଇଲି । ସେ ସମ୍ପୂର୍ଣ୍ଣ ରୂପେ ନିଷ୍ପ୍ରଭ ହୋଇ ବସିଥିଲା । ତା' ଆଖିରେ ପୂର୍ବର ସେହି ଚଞ୍ଚଳତା ନ'ଥାଇ, ଥିଲା ଭୀଷଣ ଶୂନ୍ୟତା । ସେ ପଥରର ମୂର୍ତ୍ତି ଭଳି ବସିରହି ଚାରିଆଡ଼କୁ ଚାହୁଁଥିଲା । ଯେପରି ଧୂଳି ଧୂସରିତ ପଥ ଭିତରେ କୌଣସି ଚିହ୍ନକୁ ଖୋଜୁଥିଲା ସେ ଆଉ ଶେଷରେ ସ୍ୱୀକାର କରି ସାରିଥିଲା ନିଜର ପରାଜୟକୁ ।

ମୁଁ ତାକୁ ଡାକିଲି । ସେ ଚାହିଁଲା । ମାତ୍ର ନିଜ ସ୍ଥାନରୁ ବିଚଳିତ ହେଲାନାହିଁ । ମୁଁ ତା' ପାଖକୁ ଯିବାକୁ ଚାହିଁଲି । କିନ୍ତୁ ସେହି ମୁହୂର୍ତ୍ତରେ ମୋର ସମଗ୍ର ପୁରୁଷାର୍ଥ ଯେମିତି ସ୍ତବ୍ଧ ହୋଇପଡ଼ିଲା । ସେଇଠି ହିଁ ମୋର ପାଦ ଅଟକିଗଲା ।

ମୁଁ ତାକୁ କେଉଁ ଅଧିକାରରେ କହିଥାନ୍ତି, ଚାଲ, ଆମ ଘରକୁ ଚାଲ ଏଥର । କାରଣ ସେ ତ ନିଜର ସ୍ୱାଧୀନ ସଂସାର ଖୋଜିବାକୁ ଫାଟକ ଡେଇଁ ବାହାରିଥିବା ଏକ ମୁକ୍ତ ଆତ୍ମା। ଆମର ସେହି ଘରଟି ତା' ପାଇଁ କେବଳ ମଧ୍ୟବର୍ତ୍ତୀକାଳୀନ ଗୋଟିଏ ପାନ୍ଥଶାଳା ଥିଲା। ସେଦିନ ରାସ୍ତାର ଏପାରି ଆଉ ସେପାରି ଭିତରେ ଯେଉଁ ଦୂରତ୍ୱକୁ ଅନୁଭବ କରିଥିଲି, ତାହା ଥିଲା ନିୟତି ଓ ମୋହ ମଧ୍ୟରେ ଥିବା ଏକ ବିଶାଳ ପ୍ରାଚୀର ।

ଗୋଟିଏ ଘର ଯାହାକୁ ସେ ଅଜାଣତରେ ହରାଇଥିଲା । ଆଉ ଅନ୍ୟ ଏକ ଘର ଯାହାକୁ ସେ ପାଇଥିଲା ସତ, ହେଲେ ଏବେ ନିଜର ବୋଲି ମାନିବାକୁ ତା'ର ସ୍ୱାଭିମାନ ବାଧା ଦେଉଥିଲା । ସେ ଧୀରେ ଧୀରେ ଉଠିଲା ଏବଂ ମୋ ସାମ୍ନାରେ ଚାଲୁ ଚାଲୁ ଅଦୂର ପଥରେ କେଉଁଆଡ଼େ ଲୀନ ହୋଇଗଲା ।

ସେହିଦିନଠାରୁ ମୋ ଭିତରେ ପ୍ରଶ୍ନଟିଏ ପ୍ରଚଣ୍ଡ ଝଡ଼ ପରି ମୋତେ ଆନ୍ଦୋଳିତ କରେ। ଏହି ସଂସାରରେ ଆମେ ସମସ୍ତେ ତ ନିର୍ବାସିତ ପଥିକ । କିଏ କେଉଁ ପୂର୍ବଜନ୍ମ କର୍ମର ବାଲି ଗଦାରେ ଶୋଇ ଅଜଣା ପଥରେ ଚାଲିଆସେ ତ କିଏ କାହାର ଅଧୁରା ସ୍ୱପ୍ନର ନୌକାରେ ବସି ଚାଲିଯାଏ କେଉଁଆଡ଼େ । ଆସିବାର କାରଣ କେହି ଜାଣିନ'ଥାନ୍ତି କି ଯିବାର କାରଣ ମଧ୍ୟ ଅଜଣା ରହେ । କିନ୍ତୁ ଏଇଠି ଗୋଟିଏ ଘର ତାକୁ ଆଶ୍ରୟ ଦିଏ । ତାକୁ ନାଁ ଦିଏ । ନୂଆ ସମ୍ପର୍କ ଭିତରେ ମୋହ ସୃଷ୍ଟି ହୁଏ । ମାତ୍ର ଯେତେବେଳେ ଆତ୍ମାର ଚରମ ଆହ୍ୱାନ ଆସେ, 'ଫେରିଆସ'। ମଣିଷ ସବୁ କିଛି ତ୍ୟାଗ କରି ଗେଟ୍ ବାହାରକୁ ଦୌଡ଼ିଯାଏ । କିନ୍ତୁ ହାୟ ! ସେତେବେଳକୁ ସେ ତା'ର ପ୍ରକୃତ ଉତ୍ସ ଅଥବା ଚିରନ୍ତନ ଘରର ଠିକଣା ଭୁଲିସାରିଥାଏ ।

ଶେଷରେ ସେ ବୁଝିପାରେ, ଯେଉଁ ମୁକ୍ତିକୁ ସେ ଖୋଜୁଥିଲା ତାହା ଏକ ମରୀଚିକା। ଆଉ ଯେଉଁ ସଂସାର ତା'ର ଆପଣାର ହୋଇଯାଇଥିଲା, ତାକୁ ସେ ନିଜ ହାତରେ ସନ୍ଦେହର ବଶବର୍ତ୍ତୀ ହୋଇ ଛାଡ଼ିଆସିଛି ।

ଆଜି ବି ଯେତେବେଳେ ଆମ ଘରର ସାମ୍ନା ଫାଟକଟି ଖୋଲାଥାଏ ଆଉ ମୁଁ ସେଠାରେ ଏକ ଶିଳାମୂର୍ତ୍ତି ପରି ବେଶ କିଛିକ୍ଷଣ ଠିଆ ହୁଏ ନିଶବ୍ଦରେ । ମୋତେ ଲାଗେ, ସେହି ବାଲିରୁ ଜନ୍ମ ନେଇଥିବା ନିୟତିର ପଥିକ ପୁଣି ଥରେ ଫେରିଆସିବ । ସେ ଫାଟକ ପାଖରେ ଠିଆ ହୋଇ ମୋତେ ଚାହିଁବ । ମୁଁ ତା' ପାଖକୁ ଯାଇ ଟିକେ ଆଉଁସି ପକେଇ କହିବି–

- "ଚାଲ, ଘରକୁ ଚାଲ ।"

ସେ ତା'ର ସେହି ସ୍ତବ୍ଧ ନୟନରେ ମୋତେ ଚାହିଁ ମହାକାଳର ବିରାଟ ପ୍ରଶ୍ନ ପଚାରିବ–

- "କେଉଁ ଘରକୁ ?"

ଅଥଚ କୌଣସି ଏକ ଅନାଗତ ଭଳି ତା'ର ସେହି ପ୍ରଶ୍ନର କୌଣସି ନିଶ୍ଚିତ ଉତ୍ତର ଆଜି ବି ମୋ ପାଖରେ ନାହିଁ ।

+ସୁନ୍ଦରୀ, ସୁନହଟ,ବାଲେଶ୍ୱର

# ଶ୍ରାବଣୀର ଦୁଃଖ

ସ୍ୱାତି ଦାସ



ସେ ଦିନ ନିରୁପମା କନ୍ୟା ଆଶ୍ରମରେ ମୋର ପ୍ରଥମ ଦିନ ଥାଏ । ପୂର୍ବରୁ କେବେ ମୋର ପିଲାଙ୍କୁ ପଢାଇବାର ଅନୁଭୂତି ନଥିଲା । ତେଣୁ ମନରେ ଚିନ୍ତା ଓ ଡର ରହିବା ସ୍ୱାଭାବିକ । ଉପର କର୍ମଚାରୀ ମାନଙ୍କ ନିର୍ଦ୍ଦେଶ, ଆପଣଙ୍କୁ ଦିବା ଦଶଟା ବେଳେ ଆସି ପହଂଚିବାକୁ ପଡିବ । ତେଣୁ ଭୋର ଛଟାରୁ ଉଠି ନିଜର ସମସ୍ତ ନିତ୍ୟକର୍ମ ସାରି ରେଡି ହେଲି ଆଶ୍ରମ ଯିବାକୁ । ଆଠଟାରେ ମୁଁ ଖଣ୍ଡଗିରି ବସ ଷ୍ଟାଣ୍ଡରୁ ୩୨ନଂ ବସରେ ବାଣୀବିହାର ଅଭିମୁଖେ ବାହାରିଲି। ପ୍ରଥମ ଥର ପାଇଁ ସେଦିନ ମୁଁ ମୋ ବସ୍‌ରେ ଚଢିଥିଲି। କାରଣ ସ୍କୁଟି ନେଇ କଲେଜ ଯିବାର ଅଭ୍ୟାସ ମୋର ଥିଲା କିନ୍ତୁ ବାଣୀବିହାର ବହୁ ଦୂର ହୋଇଥିବାରୁ ବାଧ ହୋଇ ବସରେ ଯିବାକୁ ପଡିଲା ସେଦିନ। ବସ ନଅଟା ତିରିଶିରେ ବାଣୀବିହାରରେ ପହଁଚିଲା। ସେଇଠୁ ଆଶ୍ରମ ଆଉ ଅଳ୍ପ ବାଟ, ତ ଅଟୋରେ ନ ଯାଇ ପାଦରେ ଚାଲି ଚାଲି ଗଲି । ଠିକ ଦଶଟା ବେଳେ ଯାଇ ମୁଁ ଆଶ୍ରମରେ ପହଂଚିଲି । ପ୍ରଥମେ ଯାଇ ମୁଁ ସେଠାକାର ସମସ୍ତ ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ନମସ୍କାର କରି ଶ୍ରେଣୀ ଗୃହ ଭିତରକୁ ପ୍ରବେଶ କଲି। ଆଗରୁ ପ୍ରସ୍ତୁତ ଥିଲେ ମଧ ଟିକେ ନରଭସ ଫିଲ ହଉଥାଏ। ପିଲାମାନେ ପ୍ରଥମେ ମୋତେ ପ୍ରଣାମ ଜଣାଇଲେ । ପିଲାମାନଙ୍କୁ ଦେଖି ମୋର ଡର ଟିକେ କମିବାକୁ ଲାଗିଲା।....... ପ୍ରଥମେ ମୁଁ ନିଜର ପରିଚୟ ଦେଇ, ସେମାନଙ୍କ ନାମ ପଚାରି ବୁଝିଲି । କିନ୍ତୁ ଗୋଟେ ଝିଅ ଶ୍ରେଣୀ କକ୍ଷର ସଭା ଶେଷରେ ବସିଥାଏ, ତାକୁ ଯେତେ ପଚାରିଲେ ମଧ ସେ ତାର ନାମ କହିଲା ନାହିଁ। ମୁହଁକୁ ତଳକୁ କରି ସେମିତି ବସି ରହିଲା । ମୁଁ ତାକୁ କହିଲି :-

-- ଆରେ ଡ଼ରୁଛ କଣ ପାଇଁ ? ମୁଁ ତମର ନୂଆ ଗୁରୁମା। ତମେ ମୋତେ ତମ ସାଙ୍ଗ ଭାବିପାର ।

ସେ ଧୀରେ ଧୀରେ ତାର ମୁହଁ ଟେକିବାକୁ ଲାଗିଲା। ଆଉ କିଛି ଉତ୍ତର ନ ଦେଇ ଜଳ ଜଳ କରି ଚାହିଁ ରହିଲା। ତାର ମୁହଁଟିକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି କାରଣ ତାର ମୁହଁ ଅଧା ଜଳିଯାଇଥିଲା, ଯେମିତି ଲାଗୁଥିଲା କିଏ ଏସିଡ ଆଟାକ କରିଛି। ତାର ଡାହାଣ ହାତ ପାପୁଲି ମଧ ଠିକ ସେମିତି ଜଳି ଯାଇଥିଲା। ମୁଁ ତା ହାତକୁ ସାମାନ୍ୟ ଆଉଁସି କହିଲି -



-- ମୋତେ ଜମା ବି ଡରନି। ମୁଁ ତମ ସାଙ୍ଗ ଭଳି ।

-- ମୋ ନା ଶ୍ରାବଣୀ

-ଆଛା ! ତମେ କଉ କ୍ଲାସରେ ପଢ଼ ?

-- ଏଇଥର ଦଶମ ପରୀକ୍ଷା ଦେଇଛି ।

ଏତକ କହି ସେ ପୁଣି ମୁହଁ ତଳକୁ କରି ବସି ରହିଲା । ତାକୁ ଦେଖି ଲାଗୁଥିଲା ଯେପରି ସେ କୌଣସି କାରଣ ପାଇଁ ଭୟବିତ ଅଛି । ତା ପରେ ମୁଁ ପିଲାଙ୍କୁ ନିଜ ମନରୁ କିଛି ଡ୍ରଇଂ କରିବା ପାଇଁ ନିର୍ଦ୍ଦେଶ ଦେଲି । ପିଲାମାନେ ବି ମୋ କଥା ମାନି କାମ ଆରମ୍ଭ କରିଦେଲେ । ଏମିତି ଭିତରେ ପ୍ରାୟ ଏକ ଘଣ୍ଟା ବିତିଯାଇଥାଏ । ସମସ୍ତଙ୍କ ଡ୍ରଇଂ ନୋଟବୁକ ମୁଁ ଚେକ କଲି । ସମସ୍ତେ ଭିନ୍ନ ଭିନ୍ନ ପ୍ରକାରର ଚିତ୍ର ଆଙ୍କିଥିଲେ। ମାତ୍ର ଶ୍ରାବଣୀ ଯାହା ଆଙ୍କିଥିଲା ତାହା ମୁଁ ବିଶ୍ୱାସ ବି କରିପାରିଲିନି । ତା ଚିତ୍ର ଦେଖି ଲାଗୁଥିଲା ଯେପରି ସେ ନିର୍ଯାତିତ ନିଷ୍ପେସିତ। କେଜାଣି କାହିଁକି ମୋତେ ତା ଅତୀତ ବିଷୟରେ ଜାଣିବାକୁ ଇଛା ହେଲା, କିନ୍ତୁ ଏବେ ପଚାରିବାଟା ଠିକ ହବନି ବୋଲି ଭାବି, କ୍ଲାସ ସାରି ମୁଁ ଘରକୁ ପଳାଇ ଆସିଲି । ସେ ଦିନ ରାତିରେ ମୋତେ ଜମା ବି ନିଦ ହେଲାନି, କାହିଁ କେଜାଣି ମନଟା ଜମା ସ୍ଥିର ହେଲାନି । ସତରେ କଣ ତା ଉପରେ ଏସିଡ ଆଟାକ ହୋଇଛି ନା ନିଆଁରେ ଜଳିଯାଇଛି ? ଏପରି ବହୁ ପ୍ରଶ୍ନ ମୋ ମନ ଭିତରେ ଘାଣ୍ଟି ହେଉଥାଏ।

ଏମିତିରେ ଗୋଟେ ସପ୍ତାହ ବିତିଯାଇଥାଏ। କାଲି ପୁଣି ରବିବାର। ଆଶ୍ରମ ପିଲା ମାନଙ୍କର ସଣ୍ଡେ ଆର୍ଟ କ୍ଲାସ ଅଛି ।

ଠିକ ସେଇ ନିର୍ଦ୍ଦିଷ୍ଟ ସମୟରେ ପହଂଚିବାକୁ ପଡିବ । ଆଶ୍ରମକୁ ଗଲା ବେଳେ ମୁଁ କେବଳ ଶ୍ରାବଣୀ କଥା ହିଁ ଭାବୁଥାଏ। ଆଜି ଯେମିତି ବି ହେଲେ ତାର ଭୟ ଦୂର କରିବି ଏବଂ ତା ସହ କିଛି ସମୟ କଥା ହେବି । ପୂର୍ବପରି ଦଶଟାରେ ଯାଇ କ୍ଲାସ ଷ୍ଟାର୍ଟ କଲି । ସବୁ ପିଲାଙ୍କ ଉପରେ ଆଖି ବୁଲାଇ ଦେଖିଲି ସମସ୍ତେ ପୂର୍ବପରି ଉପସ୍ଥିତ ଥିଲା ବେଳେ ଶ୍ରାବଣୀ କିନ୍ତୁ ଆସି ନଥାଏ।

- ଆରେ ପିଲାମାନେ ଶ୍ରାବଣୀ କାହିଁକି ଆସିନି ?

ଗୁରୁମା ! ଶ୍ରାବଣୀ ଅପାଙ୍କ ଦେହ ଖରାପ, ସେ ଆଜି କ୍ଲାସ ଆସିବେନି ।

ପିଲାଟିର କଥା ଶୁଣି ମନଟା ଟିକେ ବିଚଳିତ ହେବାକୁ ଲାଗିଲା। ଏଗାରଟାରେ କ୍ଲାସ ସାରିବା ମାତ୍ରେ ମୁଁ ହେଡମାଷ୍ଟରଙ୍କ ପରାମର୍ଶ ନେଇ ଶ୍ରାବଣୀର ହଷ୍ଟେଲ ରୁମ ଭିତରକୁ ଗଲି । ସେ ମୋତେ ଦେଖିବା ମାତ୍ରେ ବେଡ଼ ଉପରରୁ ଉଠି ସାଙ୍ଗେ ସାଙ୍ଗେ କହିଲା :-

- ଗୁରୁମା ପ୍ରଣାମ ! ଆପଣ ଏଠି ?

-- ଶ୍ରାବଣୀ ! ତମ ଦେହ ଏବେ କେମିତି ଅଛି ?

-- ନାହିଁ ! ସାମାନ୍ୟ ଟିକେ ଜର ହୋଇଯାଇଥିଲା ତ, ସେଥି ପାଇଁ ଆଜି ଆର୍ଟ କ୍ଲାସ ଗଲିନି ।

-- ଆଛା ! ତମେ ଆଗରୁ କଉଟି ଡ୍ରଇଂ ଶିଖୁଥିଲ କି ?

-- ହଁ ! ମୋ ବାପା ଜଣେ ଭଲ ଚିତ୍ରକର ? ସେ ହିଁ ମୋତେ ପିଲା ବେଳେ ଆର୍ଟ ଶିଖେଇଥିଲେ। କିନ୍ତୁ ସେ ଚାଲିଗଲା ପରଠୁ ଆଉ କେବେ ମୁଁ ଚିତ୍ର ପ୍ରତି ଏତେ ପ୍ରତି ଧ୍ୟାନ ଦେଇନି।

ଏତିକି କହି ଶ୍ରାବଣୀ ଭୋ ଭୋ ହୋଇ କାନ୍ଦି ଉଠିଲା।

-- ତମର କଣ ହୋଇଛି ଶ୍ରାବଣୀ ? ତମ ଚିତ୍ର ସେ ଦିନ କିଛି ଅଲଗା କହୁଥିଲା। ଯଦି ମୋ ସହ କିଛି ସେୟାର କରିବାକୁ ଚାହଁ ତ କରିପାର ଜଣେ ଭଲ ବନ୍ଧୁ ଭାବି । ପ୍ଲିଜ ତମେ ଏମିତି କାନ୍ଦନି ? ଏତିକି କହି ମୁଁ ତା ଲୁହ ପୋଛିବାକୁ ଲାଗିଲି ।

ସେ ବି ଅଭିମାନରେ କହିଉଠିଲା :-

-- କଥା ରେ ଅଛି ଅଜାଗା ଘା' କାହାକୁ ଦେଖେଇ ହୁଏ ନାହିଁ କି ଦେଖି ହୁଏ ନାହିଁ । ମୋ ଦୁଃଖ ବା କିଏ ବୁଝିବ । ଯେଉଁ ମଣିଷର ହୃଦୟ ଅତି ସରଳ ହୋଇଥାଏ, ସବୁବେଳେ ସେହି ମଣିଷର ଭାଗ୍ୟରେ ହିଁ ଦୁଃଖ ଲେଖା ହୋଇଥାଏ । ଦିନ ଥିଲା ମୋର ବି ହସ ଖୁସିର ଗୋଟେ ପରିବାର ଥିଲା । ପରିବାର କହିଲେ ମୁଁ ମୋ ବାପା -ମାଆ, ଦାଦା- ଖୁଡୀ ଓ ବୁଢୀମା। କିନ୍ତୁ କାହାର କେଜାଣି ଏହି ହସ ଖୁସିର ପରିବାର ଉପରେ ନଜର ଲାଗିଗଲା ସବୁ କିଛି ଗୋଟେ ମୁହୂର୍ତ୍ତରେ ଭାଙ୍ଗି ଚୁରମାର ହୋଇଗଲା।

ଏତକ କହି ଶ୍ରାବଣୀ ଆଖିରୁ ଲୁହ ପୋଛି ନିରବରେ ବସି ରହିଲା।

-- ତା ପରେ କଣ ହେଲା ? ତମେ ଏଇ ଆଶ୍ରମ କୁ କେମିତି ଆସିଲ ?

-- ଆମ ଘର କୋରାପୁଟ ରାୟଗଡାରେ। ମୁଁ ସେଇଠି ରହି ପାଠ ପଢୁଥିଲି । ସ୍କୁଲରେ ପଢିଲା ବେଳେ ଜଣେ ମେଧାବୀ ଛାତ୍ରୀ ଥିଲି ମଧ। ଯେତେବେଳେ ମୋତେ ସପ୍ତମ ଶ୍ରେଣୀ ହୋଇଥିଲା ମୁଁ ରାଜ୍ୟସ୍ତରୀୟ କ୍ରୀଡାରେ ଭାଗ ନେବାର ସୁଯୋଗ ପାଇଥିଲି । ସେ ଦିନ ଏପ୍ରିଲ ୫ ତାରିଖ ଭୋର ଛଅରେ ଉଠି ବାପା ମାଆ ସହ ବସରେ ବାହାରିଲି ଭୁବନେଶ୍ୱର ଅଭିମୁଖେ। କିନ୍ତୁ ଭାଗ୍ୟର ବିଡମ୍ବନା ବସଟି ଦୁର୍ଘଟଣାର ଶିକାର ହେଲା। ବସରେ ପ୍ରାୟ ଅଧାରୁ ଅଧିକ ଯାତ୍ରୀ ସେହି ସ୍ଥାନରେ ମୃତ୍ୟୁବରଣ କଲେ। ମାତ୍ର ମୁଁ ଆଉ ମୋ ବାପା ଆହତ ହୋଇ ହସ୍ପିଟାଲ ବେଡ଼ରେ ପଡି ରହିଲୁ । ଅଳ୍ପ ଦିନର ଚିକିତ୍ସା ଭିତରେ ବାପା ମଧ ମୋତେ ଛାଡି ଆର ପାରିକୁ ଚାଲିଗଲେ ଆଉ ବକି ରହିଗଲି ମୁଁ । କିଛି ଦିନ ପରେ ହସ୍ପିଟାଲରୁ ମୁଁ ଭଲ ହୋଇ ଘରକୁ ଫେରିଲି । ଏତେ ଦୁଃଖକୁ ସମ୍ଭାଳି ବାର ଧର୍ଯ୍ୟ ମୋର ନଥିଲା । ସରକାର ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ୍ୟ ଟଙ୍କା ଓ ଆହତ ମାନଙ୍କ ପାଇଁ ପଚାଶ ହଜାର ଟଙ୍କା ଘୋଷଣା କରିଥାନ୍ତି । କିନ୍ତୁ ସବୁ ଟଙ୍କାର ଅଧିକାରୀ ମୋ ଦାଦା ହୋଇଥିଲେ। କିଛି ମାସର ବ୍ୟବଧାନ ପରେ ଆରମ୍ଭ ହୋଇଗଲା ମୋ ପ୍ରତି ଅନ୍ୟାୟ ଓ ଅତ୍ୟାଚାର। ମୋର ପାଠ ପଢା ସେମାନେ ବନ୍ଦ କରି ଦେବାକୁ ପ୍ରାଣପଣେ ଚେଷ୍ଟା କଲେ। ମୋର ସବୁଠୁ ପ୍ରିୟ ବୁଢୀମା ମଧ ସେମାନଙ୍କ ସପକ୍ଷ ନେଇ ମୋତେ ଗାଳି ଗୁଲଜ କରିବା ଆରମ୍ଭ କରିଦେଲା।

--ଆଲୋ ! କି ବେଳାରେ ତୋ ମାଆ ତୋତେ ଜନମ କରିଥିଲା କେଜାଣି ? ତୁ ଜନମ ହେଲା ଦିନରୁ ଏ ଘରେ ଖାଲି ଅଶାନ୍ତି । ଆସୁ ଆସୁ ତୋ ମାଆକୁ ଖାଇଲୁ ପୁଣି ମନ ଶାନ୍ତି ହେଲାନି ଯେ ବାପକୁ ବି ଖାଇଦେଲୁ । ଅଲକ୍ଷିଣୀ.... ଅଲଜୁଗି.... ଏ ଘରେ ତୋର କୌଣସି ଜାଗା ନାହିଁ । ତୋ ବୋଝ ସଂଭାଳି ସମ୍ଭାଳି ଆମେ ନୟାନ୍ତ ହୋଇଗଲୁଣି । କାଲି ସୁଦ୍ଧା ତୁ ଏ ଘର ଛାଡି ଚାଲିଯା.....।

ଯେଉଁ ବୁଢୀମା ମୋତେ ଦିନେ ଗପ କହି ଶୁଆଇ ଦଉଥିଲା ତା ମୁହଁରୁ ଏପରି କଥା ଶୁଣି ମୋ ପଦ ତଳୁ ମାଟି ଖସି ଯାଇଥିଲା । ଆଉ କଥା ଶୁଣିବାକୁ ମୋର ଧର୍ଯ୍ୟ ନଥିଲା। ତା ପର ଦିନ ମୁଁ ଘର ଛାଡି ଦେଇ ସିଧା ଚାଲିଆସିଲି ରାୟଗଡା ବସ ଷ୍ଟାଣ୍ଡକୁ । ସେଇଠି ବସି ମୁଁ ଭାବୁଥାଏ କୁଆଡେ ଯିବ। ହଠାତ କେହି ଜଣେ ବ୍ୟକ୍ତି ଆସି ମୋର ପାଖରେ ବସି ପଡିଲେ। ବ୍ୟକ୍ତି ଟିର ବୟସ ଚାଳିଶ ପାଖାପାଖି ହବ। ଦାମୀ ପୋଷାକ ଘଣ୍ଟା ସାଙ୍ଗକୁ ହାତରେ ଧରିଥାନ୍ତି ଲଗେଜ । କେଜାଣି କାହିଁକି ସେ ମୋ ଆଡକୁ ବାରମ୍ବାର ଚାହୁଁ ଥାନ୍ତି । ମୋତେ ଲାଗିଲା ଯେପରି ସେ ମୋତେ କିଛି କହିବାକୁ ଚାହୁଁଛନ୍ତି । ତା ପରେ ସେ ମୋ ପାଖକୁ ଭିଡି ଆସି କହିଲେ :-

-- ଝିଅ କଉଠିକି ଯିବ ? ମୁଁ ସେତେବେଳୁ ଦେଖୁଛି ତମେ ଏଇଠି ଏକା ବସିଛ। ତମ ସାଥିରେ ଆଉ କିଏ ଆସିନାହାଁନ୍ତି କି ? ଆଛା ! ତମେ କଉଠିକି ଯିବ ଏବେ ?

-- ମୁଁ କହିଲି :- ଜାଣିନି କୁଆଡେ ଯିବ ?

-- ମାନେ ?

--- ବାପା ମାଆ ଛାଡ଼ିଯିବା ପରେ ମୋ ନିଜର ବୋଲି କେହି ନାହାନ୍ତି ?

ମୋ ଘର ଲୋକେ ମୋତେ ଘରୁ ବାହାର କରିଦେଇଛନ୍ତି ? ସେଥିପାଇଁ ଏଇ ବସ ଷ୍ଟାଣ୍ଡରେ ଆସି ବସିଛି, କୁଆଡେ ଯିବ କେଉଁଠି ରହିବି କିଛି ଜାଣିନି ?

-- ତମେ ଜମା ବି ଚିନ୍ତା କରନି ! ମୋ ଘରେ ମୋ ସ୍ତ୍ରୀ ଆଉ ମୁଁ । ଆଉ କେହି ନାହାଁନ୍ତି। ତମେ ମୋ ଘରକୁ ଚାଲ । ମୁଁ ତମକୁ ପାଠ ପଢାଇବି ଆଉ ଭଲ ଡ୍ରେସ ବି ପିନ୍ଧିବା ପାଇଁ ଦେବି। ସେ ବାବୁଙ୍କ ମୁହଁରୁ ଏତକ ଶୁଣି ମୋତେ କଉଠି ନା କଉଠି ଆଶାର ଆଲୋକ ଦେଖା ଗଲା। ସେତେବେଳେ ମୋର ବୟସ ମାତ୍ର ଚଉଦ ହୋଇଥାଏ। ଆଗ -ପଛ, ଭଲ -ଖରାପ କିଛି ବି ବିଚାର ନ କରି ମୁଁ ତାଙ୍କ ସହ ତାଙ୍କ ଘରକୁ ଚାଲିଆସିଲି । ଘରେ କେବଳ ତାଙ୍କ ସ୍ତ୍ରୀ ବ୍ୟତୀତ କେହି ବି ନଥିଲେ । ଘରଟି ଅତି ଆକର୍ଷଣିୟ ଭାବେ ସଜା ହୋଇଥାଏ। କିଛି ଦିନ ଭଲରେ କଟିଗଲା । ତା ପରେ ପୁଣି ଆରମ୍ଭ ହୋଇଗଲା ନିର୍ଯାତନା । ଘରର ସମସ୍ତ କାମ କଲେ ମଧ ବାବୁଙ୍କ ସ୍ତ୍ରୀ କେବେ ବି ଖୁସି ହୁଅନ୍ତିନି । ଏମିତି ଧୀରେ ଧୀରେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ ହୋଇଗଲା । ଦିନେ ବାବୁଙ୍କ ସ୍ତ୍ରୀ ତାଙ୍କ ବାପ ଘରକୁ ଯାଇଥାନ୍ତି । ଘରେ କେବଳ ମୁଁ ଆଉ ବାବୁ ଥାନ୍ତି । ମୋର ଏକଲାପଣର ସୁଯୋଗ ନେଇ ବାବୁ ସେ ଦିନ ମୋ ସହ ଜବରଦସ୍ତି କରିବା ଆରମ୍ଭ କରିଦେଇଥିଲେ.......। ଥରେ ଦୁଇ ଥର ଏମିତି ବାରମ୍ବାର ସେ ମୋତେ ଶାରୀରିକ ନିର୍ଯାତନା ଦେବାକୁ ଲାଗିଲେ । ଯେଉଁ ଲୋକ ମୋତେ ଦିନେ ଦେବତା ସାଜି ସାହାଯ୍ୟର ହାତ ବଢ଼େଇଥିଲା ଆଜି ସେ ଦେହ ଲୋଭି ନର ରାକ୍ଷସ କେମିତି ପାଲଟି ଯାଇଥିଲା ? ମୋର ଆଉ ସହିବାର ଶକ୍ତି ନଥିଲା। ଶେଷରେ ଭାବିଲି ଘର ଛାଡି ଦିନେ କଉଁ ଆଡେ ପଳାଇବି । କିନ୍ତୁ ଯେତେ ଚେଷ୍ଟା କଲେ ମଧ ସବୁ ଥର ପରି ବିଫଳ ହେଲି । ଦିନେ ଭାବିଲି ପୋଲିସକୁ ଫୋନ କରି ସବୁ କଥା କହିଦେବି। ସେଥି ପାଇଁ ମୁଁ ବାବୁଙ୍କ ଫୋନ ସେଦିନ ଲୁଚେଇ କରି ଆଣିବା ପାଇଁ ତାଙ୍କ ରୁମକୁ ଯାଇଥିଲି କିନ୍ତୁ ଅଚାନକ ବାବୁ ମୋ ହାତ ଧରି ପକାଇ ଜୋରରେ ପିଟିଥିଲେ। ଆଉ ଧମକ ଦେଇ କହିଥିଲେ ଯେ ଯଦି ଆଉ କେବେ ଏମିତି ଖସି ଯିବାକୁ ଚେଷ୍ଟା କରୁ ତ ସେ ଦିନ ମୋତେ ଚିହ୍ନିବୁ.... । କିନ୍ତୁ ମୁଁ ଆଉ ତାଙ୍କ ଧମକରେ ନ ଡରି ଦିନେ ରାତି ବାରଟାରେ ଘରୁ ବାହାରି ଦୌଡିବାକୁ ଲାଗିଲି। କିନ୍ତୁ ବାବୁ ବି ମୋତେ କାର ନେଇ ପିଛା କରିବାକୁ ଲାଗିଲେ, ଶେଷରେ ମୋ ମୁହଁରେ ଆସି ଏସିଡିଡ଼ ପକେଇଦେଲେ । ଆଉ କହିଲେ :-

- ତୋ ମୁହଁ ଥିଲେ ତ ତୁ ଦୁନିଆକୁ ମୋ ବିଷୟରେ କହିବୁ, ଏଥର ଯାହା କରିବାର ଅଛି କର।

ଏତକ କହି ସେ ସେଦିନ ଅନ୍ଧାର ରାତି ରେ ସେ ସ୍ଥାନ ଛାଡି ପଳେଇଗଲେ। ମୁଁ ସକାଳୁ ଆଖି ଖୋଲି ଦେଖିଲା ବେଳକୁ ହସ୍ପିଟାଲ ବେଡ଼ରେ। ଆଉ ମୋ ମୁହଁର ଅଧାରୁ ଅଧିକ ଜଳି ଯାଇଥିଲା। ଏମିତି ପଞ୍ଚ ବର୍ଷ କାଳ ହସ୍ପିଟାଲ ବେଡ଼ରେ ପଡିରହିଲି । ତା ପରେ ଟିକେ ଭଲ ହେଲା ପରେ ଗୋଟେ ଏନଜିଓ ସଂସ୍ଥା ଦ୍ୱାରା ଆସି ମୁଁ ଏଇ କନ୍ୟା ଆଶ୍ରମରେ ରହିଲି । ଆଉ ମୋର ପାଠ ପଢା ପୁଣି ଆରମ୍ଭ କଲି ।

ଶ୍ରାବଣୀ ମୁହଁ ରୁ ଏତକ ଶୁଣି ମୋ ଆଖିରେ ଲୁହ ଭର୍ତି ହୋଇଯାଇଥିଲା । ମୁଁ ତାକୁ କୁଣ୍ଢାଇ ସାନ୍ତ୍ୱନା ଦେବାକୁ ଲାଗିଲି ।

ଆଶ୍ରମରୁ ଆସିଲା ବେଳେ ମୁଁ ବସରେ ବସି ଭାବୁଥାଏ......।

ସତରେ ଏଇ ମଣିଷ ସମାଜ କେତେ ନିଷ୍ଠୁର। ସବୁବେଳେ କାହିଁ କେଜାଣି ଭଗବାନ ନାରୀର ପରୀକ୍ଷା ନିୟନ୍ତି । ଆଜି ଝିଅଟିଏ ଜନ୍ମ ହବା ମାତ୍ରେ ସମସ୍ତେ ବ୍ୟସ୍ତ ବିବ୍ରତ। କିନ୍ତୁ କାହିଁକି ? ଆମେ ଆମ ଚିନ୍ତାଧାରାକୁ ଏତେ ନୀଚ କରିଦେଇଛେ ଯେ ଝିଅଟିଏ ରାସ୍ତାରେ ଅନ୍ଧକାରରେ ଏକାକୀ ଘରକୁ ଫେରି ପାରୁନି, ଗୋଟେ ସ୍ତ୍ରୀ ସ୍ୱାଧୀନ ଭାବରେ ବଞ୍ଚିପାରୁନି, ଛୋଟିଆ ନିଷ୍ପାପ କନ୍ୟା ଭ୍ରୁଣକୁ ବି ରାସ୍ତା କଡରେ ଫୋପାଡ଼ି ଦିଆଯାଉଛି, ଅସଂଖ୍ୟ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। ସୃଷ୍ଟିକୁ ଯେଉଁ ନାରୀ ଏତେ ସୁନ୍ଦର କରିଛି ତା ପ୍ରତି ଯଦି ଏପରି ଅପବ୍ୟବହାର କରଯାଏ ତ ସମାଜ କେବେ ଆଗକୁ ଯାଇପାରିବ ନାହିଁ ।

ବେଳେବେଳେ ମନରେ ପ୍ରଶ୍ନ ଆସେ ନାରୀ କାହାର ସୃଷ୍ଟିର ନା ସ୍ରଷ୍ଟାର ?

+ ସୋର, ବାଲେଶ୍ୱର

# ଜିଲ୍ଲାରେ ପରିବହନ ସମସ୍ୟାର ସମାଧାନ ପାଇଁ ସମନ୍ୱୟ ବୈଠକ

ଝାରସୁଗୁଡ଼ା,୨/୦୮ (ନି.ପ୍ର): ଜିଲ୍ଲାରେ କୋଇଲା, କଂଚାମାଲ ଏବଂ ପ୍ରସ୍ତୁତ ସାମଗ୍ରୀ ପରିବହନ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡି.ଏମ୍.ଏଫ୍. ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଶିଳ୍ପାନୁଷ୍ଠାନ, ପରିବହନ ସଂସ୍ଥା ଏବଂ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ପରିବହନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ବିଶେଷ କରି କୋଇଲା ପରିବହନ ସମ୍ବନ୍ଧୀୟ ଆପତ୍ତି ଓ ଅଭିଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଏମ୍ ସି ଏଲ ଅଧିକାରୀ , କୋଇଲା ବ୍ୟବହାର କରୁଥିବା ଶିଳ୍ପାନୁଷ୍ଠାନ ସଂସ୍ଥା ଯଥା ଜିନ୍ଦଲ ପାୱାର ଲିମିଟେଡ୍, ଜେ ଏସ ଡବ୍ଲୁ ଏନର୍ଜି (ଉତ୍କଳ) ଲିମିଟେଡ୍, ବେଦାନ୍ତ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପାନୁଷ୍ଠାନ ନିଜ ନିଜର କୋଇଲା ପରିବହନ ଜନିତ ସମସ୍ୟା ଓ କ୍ଷତି ସମ୍ପର୍କରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବାବଦରେ ଏମ୍ ସି ଏଲ ଅଧିକାରୀ ନିଜ ମତାମତ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏଥିସହ ଦୀର୍ଘ ଏକ ମାସ ଧରି ଟ୍ରକ୍ ଗୁଡିକର ଚଳାଚଳର ସଠିକ୍ ତଥ୍ୟ ଏବଂ କ୍ଷେତ୍ର ସ୍ତରରେ ସ୍ଥିତି ସମୀକ୍ଷା ପାଇଁ ଜିଲ୍ଲାପାଳ, ଉପ-ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ଉପ - ଜିଲ୍ଲାପାଳ, ଏମ୍ ସି ଏଲ ଅଧିକାରୀ, ମା' ସମଲେଇ ଟ୍ରକ୍ ମାଲିକ ସଂଘର ସଭାପତିଙ୍କ ସହ କ୍ଷେତ୍ର ପରିଦର୍ଶନ କରି ସ୍ଥିତିର ଯାଂଚ୍ କରିବେ। ଶିଳ୍ପାନୁଷ୍ଠାନଗୁଡ଼ିକ ପରିବହନ ବାଧାପ୍ରାପ୍ତ ହେବା ଯୋଗୁଁ ବ୍ୟାପକ ଆର୍ଥିକ କ୍ଷତି ସହୁଥିବା ବ୍ୟକ୍ତ କରିବାରୁ, ଜିଲ୍ଲାପାଳ ଏହାକୁ ଗମ୍ଭୀରତାର ସହ ନେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ସହ ପରିବହନ କାର୍ଯ୍ୟରେ କୌଣସି ବେଆଇନ ବାଧା ସୃଷ୍ଟି କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ନିର୍ବାଚନ ଓ ସଭ୍ୟପଦ ସମ୍ପର୍କିତ ବିବାଦୀୟ ପ୍ରସଙ୍ଗ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମନ୍ୱୟ ବୈଠକରେ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଆଂଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ସାଧାରଣ ଓ ବିବିଧ ବିଭାଗର ଉପ-ଜିଲ୍ଲାପାଳ ବିଜୟ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ.ଡି.ପି.ଓ., ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ପରିବହନ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ଏଥିରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଜେନେରାଲ ମ୍ୟାନେଜର, ବେଦାନ୍ତର ଅଫିସର ଜେ ଏସ ଡବ୍ଲୁ- ବି ପି ଏସ ଏଲ ର ଜେନେରାଲ ମ୍ୟାନେଜର, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି, ବନ୍ଧବାହାଲସ୍ଥିତ ମା' ସମଲେଇ ଟ୍ରକ୍ ମାଲିକ ସଂଘର ସଭାପତି, ଝାରସୁଗୁଡ଼ା ଟ୍ରକ୍ ମାଲିକ ସଂଘର ସଭାପତି ଏବଂ ଝାରସୁଗୁଡ଼ାର ସମସ୍ତ ପରିବହନକାରୀ ପ୍ରତିନିଧିବୃନ୍ଦ ସାମିଲ ଥିଲେ।

# ବର୍ଷା ପବ୍ଲିକେସନ ଆୟୋଜିତ 'ଚତୁର୍ଥ ବର୍ଷା ଉତ୍ସବ' ଉଦ୍‌ଯାପିତ



ଭୁବନେଶ୍ୱର,୨/୦୮ (ନି.ପ୍ର): ରାଜ୍ୟର ଅଗ୍ରମଣୀ ପ୍ରକାଶନୀ ସଂସ୍ଥା ବର୍ଷା ପବ୍ଲିକେସନ ପକ୍ଷରୁ ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି ଏକଦିନ ବ୍ୟାପୀ ସାହିତ୍ୟ ଉତ୍ସବ 'ଚତୁର୍ଥ ବର୍ଷା ଉତ୍ସବ' । ଏଥରର ବିଷୟବସ୍ତୁ ଥିଲା 'ପିଲାଦିନ' । ନିମନ୍ତ୍ରିତ ଅତିଥିମାନେ ସେମାନଙ୍କର ଅପାଶୋରା ପିଲାଦିନର ସ୍ମୃତିକୁ ଖୁବ୍ ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଥିଲେ । 'ନାଟକରେ ପିଲାଦିନ' ସମ୍ପର୍କରେ ବିଶିଷ୍ଟ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ତାଙ୍କ ପିଲାଦିନର ବହୁ ରହସ୍ୟ ଓ ନାଟକ ସହ ତାଙ୍କର ଅନାବିଳ ଭଲପାଇବାକୁ ଉନ୍ମୋଚିତ କରିଥିବା ବେଳେ 'ସାହିତ୍ୟରେ ପିଲାଦିନ' ଶୀର୍ଷକ ଆଲୋଚନାରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁଙ୍କ ଅତି ନିଖୁଣ ବର୍ଣ୍ଣନା, ଶ୍ରୋତାମାନଙ୍କୁ ବାନ୍ଧି ରଖିଥିଲା । ସେହିପରି 'ସିନେମାରେ ପିଲାଦିନ' ଶୀର୍ଷକକୁ ନେଇ ବିଶିଷ୍ଟ ସିନେ ସମୀକ୍ଷକ ଓ କଥାକାର ସୂର୍ଯ୍ୟ ଦେଓ ତାଙ୍କ ପିଲାଦିନେ ସିନେମା ଦେଖାର ମନୋରମ ଅନୁଭୂତି ବର୍ଣ୍ଣନା କରିଥିବା ବେଳେ ବିଶିଷ୍ଟ ସାହିତ୍ୟିକ ଓ ଚିତ୍ରକର ରମାକାନ୍ତ ସାମନ୍ତରାୟ 'ପିଲାଦିନ ଓ ଚିତ୍ରଅଙ୍କା'ର ଅତି ମାର୍ମିକ ଅନୁଭବକୁ ବଖାଣି ଥିଲେ । ଏହାପରେ ଏଗାରଟି ପୁସ୍ତକର ଉନ୍ମୋଚନ ଓ ତିନୋଟି ପୁସ୍ତକକୁ ସମ୍ମାନିତ କରାଯାଇଥିଲା । ସମ୍ମାନିତ ପୁସ୍ତକ ଗୁଡ଼ିକ ହେଲା- '୪ର୍ଥ ବର୍ଷା ଉତ୍ସବ ନାଟକ ସମ୍ମାନ'- ପୁସ୍ତକ: 'କବିଙ୍କ ନାମ ବେଦବ୍ୟାସ', ପ୍ରାପକ: ପ୍ରଖ୍ୟାତ ନାଟ୍ୟକାର : ରମେଶ ପ୍ରସାଦ ପାଣିଗ୍ରାହୀ । '୪ର୍ଥ ବର୍ଷା ଉତ୍ସବ କବିତା ସମ୍ମାନ' - ପୁସ୍ତକ: 'ଅସରନ୍ତି ରେଖାଚିତ୍ର'ପ୍ରାପକ, ରମାକାନ୍ତ ସାମନ୍ତରାୟ : (ବିଶିଷ୍ଟ କବି ଓ ଚିତ୍ରକର) । '୪ର୍ଥ ବର୍ଷା ଉତ୍ସବ-ନବଉନ୍ମେଷ ସମ୍ମାନ' - ପୁସ୍ତକ: 'ଦେହ ଦେହଳିର ପଦ୍ୟ', ପ୍ରାପକ : ଦିପୁନ ପୁହାଣ (ଯୁବ କବି ଓ ପ୍ରାବନ୍ଧିକ) । ପ୍ରଥମ ଅଧିବେଶନଟିକୁ ପରିଚାଳନା କରିଥିଲେ ବିଶିଷ୍ଟ ଅଭିନେତ୍ରୀ ମଧୁମିତା ମହାନ୍ତି । ଦ୍ୱିତୀୟ ଅଧିବେଶନର ଶୀର୍ଷକ ଥିଲା 'ସଙ୍ଗୀତରେ ପିଲାଦିନ' । ଉକ୍ତ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶାର ସୁପ୍ରସିଦ୍ଧ ସଙ୍ଗୀତଜ୍ଞ, କବି ଓ କଣ୍ଠଶିଳ୍ପୀ; ବିଜୟ ମଲ୍ଲ, ଶରତ ନାୟକ, ଅରୁଣ ମନ୍ତ୍ରୀ ଓ ଛନ୍ଦା ମିଶ୍ର । ପିଲାଦିନେ ସଙ୍ଗୀତ ପ୍ରତି ଥିବା ସେମାନଙ୍କ ଅହେତୁକ ରୁଚି ଓ ଦୁର୍ବଳତାର ସୁନ୍ଦର ଅନୁଭବକୁ ବର୍ଣ୍ଣନା କରିବା ସହ ପିଲାଦିନର ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଅଧିବେଶନଟିର ସଂଯୋଜନା ଦାୟିତ୍ୱରେ ଥିଲେ ଯୁବ କବି ଓ ଉପସ୍ଥାପକ ବେଦପ୍ରକାଶ ନାୟକ । ସେହିପରି ଉତ୍ସବର ତୃତୀୟ ଅଧିବେଶନରେ ମଞ୍ଚାୟନ ହୋଇଥିଲା କବି ବାଦଲ ମହାନ୍ତିଙ୍କ ଦୀର୍ଘ କବିତା 'ଆଖି'ର ଆଭାସୀ ନାଟକ । ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ଅଭିଜ୍ଞ ନିର୍ଦ୍ଦେଶକ ଅଜୟ ସ୍ୱାଇଁ ଏବଂ ଅଭିନୟରେ ଥିଲେ ଉପେନ୍ଦ୍ର ପତି, ଓଁକାର ଲାଲ ମିଶ୍ର ଏବଂ ଲକ୍ଷ୍ମୀପ୍ରିୟା ସେନାପତି (ପିହୁ) । ଚତୁର୍ଥ ଅଧିବେଶନରେ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା ପାଠ କରାଯାଇଥିଲା 'ପିଲାଦିନ' ବିଷୟବସ୍ତୁ ଆଧାରିତ ମନୋଜ୍ଞ ୧୨ଟି କବିତା ଓ ପାଞ୍ଚଟି ଗପ । ଯାହାର ଉପସ୍ଥାପନା ଦାୟିତ୍ୱରେ ଥିଲେ ଯୁବ କବି ସୁମନ ଦାଶ ଓ ଅମରେଶ ବିଶ୍ୱାଳ । ସେହିପରି ପଞ୍ଚମ ବା ଶେଷ ଅଧିବେଶନରେ ଦୃଶ୍ୟାୟିତ ହୋଇଥିଲା ଯୁବ କବି ଓ ନିର୍ଦ୍ଦେଶକ ବିଶ୍ୱନାଥ ନାୟକଙ୍କ ଦ୍ୱାରା ପ୍ରସ୍ତୁତ ପିଲାଦିନ ଆଧାରିତ ଦୁଇଟି ସିନେମା । ସଭା ଆରମ୍ଭରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ବର୍ଷା ପବ୍ଲିକେସନର ନିର୍ଦ୍ଦେଶକ କବି ବାଦଲ ମହାନ୍ତି ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଯୁବ କବି ବିଶ୍ୱନାଥ ନାୟକ । ଉକ୍ତ ସାହିତ୍ୟ ଉତ୍ସବରେ ଓଡ଼ିଶାର ବହୁ ଖ୍ୟାତନାମା ସାହିତ୍ୟିକ, ସଙ୍ଗୀତଜ୍ଞ, ନାଟ୍ୟକର୍ମୀ, ଚିତ୍ରକର ସାମ୍ବାଦିକ ଆଦି ବିଭିନ୍ନ ବର୍ଗର ଗୁଣୀ ଦର୍ଶକ ଯୋଗ ଦେଇଥିଲେ ।

## ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

ପଟ୍ଟାମୁଣ୍ଡାଇ,୨/୦୮ (ନି.ପ୍ର): ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ । କୁମ୍ଭୀର ପ୍ରଜନନ ପାଇଁ ମଇ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ବନ୍ଦ ରହିଥିଲା ଭିତରକନିକା। ଏବେ ନୂଆ ରୂପରେ ସଜେଇ ହୋଇଛି ଭିତରକନିକା । ଭିତରକନିକା ଖୋଲୁଥିବାରୁ ପର୍ଯ୍ୟଟକ ବେଶ୍ ଉତ୍ସାହିତ ଅଛନ୍ତି। ଆଜି ପ୍ରଥମ ଦିନରେ ପର୍ଯ୍ୟଟକମାନଙ୍କୁ ଫୁଲ ତୋଡ଼ା ଓ ମିଠା ଦେଇ ସ୍ୱାଗତ କରାଯାଇଥିଲା । ପର୍ଯ୍ୟଟକ ମାନଙ୍କ ଭିତରେ ବହୁତ ଉତ୍ସାହ ଦେଖାଦେଇଥିଲା। ଚଳିତ ବର୍ଷ ଜାତୀୟ ଉଦ୍ୟାନରେ ପର୍ଯ୍ୟଟକମାନେ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସହିତ ନୂତନ ଭାବେ ନିର୍ମିତ ମିୟୁଜିୟମ, ଧଳାକୁମ୍ଭୀର ଗୋରୀ, ମଲ୍ଲୀ, ଶ୍ୱେତା, ଦେଶୀୟ ପକ୍ଷୀ, ନଦୀରେ ନୌବିହାର ଓ ସ୍କାଏ ୱାକ୍ ରେ ଜଙ୍ଗଲ ଉପରେ ଚାଲିଚାଲି ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

# ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ହେଲା ସମ୍ବଲପୁରୀ ମୟ, ନାଚଗୀତ ସହ ସମ୍ବଲପୁରୀ ଖାଦ୍ୟଖାଇ ସମ୍ବଲପୁରୀ ପାଳନ

ସମ୍ବଲପୁର,୨/୦୮ (ନି.ପ୍ର): ପଶ୍ଚିମାଂଚଳ ଏକତା ମଂଚ ଆରମ୍ଭ କରିଥିବା ସମ୍ବଲପୁରୀ ଦିନ୍ ଚଳିତ ବର୍ଷ ମହା ଆଡ଼ମ୍ବରରେ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁରୀ ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଜନ୍ମଦିନ ଉପଲକ୍ଷେ ଅଗଷ୍ଟ ଏକ ତାରିଖରେ ୧୪ ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଳନ ହୋଇଯାଇଛି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ସକାଳେ ଗୁରୁ ବହିଦାର ଙ୍କର ଡେରା ସ୍ଥିତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପଶ୍ଚିମାଂଚଳ ଏକତା ମଂଚ, ଭାରତୀ ସମାଜ ସମେତ ବହୁ ସାମାଜିକ ସଂଗଠନ ଏବଂ ବ୍ୟକ୍ତି ବିଶେଷ ମାନେ ଆସି ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ସମ୍ବଲପୁରୀ କବିତା ପାଠ ଆୟୋଜନ କରାଯାଇଥିଲା। ଭାଷା ସଂସ୍କୃତି ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୫୮ ଜଣ କବି ସମ୍ବଲପୁରୀ କବିତା ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଦରପନ ମାସିକ ପତ୍ରିକା ର ସମ୍ବଲପୁରୀ ଦିନ ବିଶେଷାଙ୍କ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୈଭାଗ୍ୟବନ୍ତ ମହାରଣା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ର ସଂଯୋଜକ ଡ଼ ପ୍ରମୋଦ ରଥ, ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ସଂଚାଳନ ଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ ପଙ୍କଜିନୀ ମେହେର, ସୁଷମା ପ୍ରଧାନ, ଲଳିତ ମୋହନ ବେବର୍ତା ସଂଯୋଜନା କରିଥିଲେ। ଏଥିରେ ସୁଦୁର କେନ୍ଦ୍ରାପଡ଼ା ରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ର ବିଭିନ୍ନ ଜିଲ୍ଲାରୁ ଆମନ୍ତ୍ରିତ କବି ମାନେ କବିତା ପାଠ କରିଥିଲେ। ଏହା ପରେ ସାଢେ ତିନିଟାରୁ ମଂଚପୂଜା ସହ ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ମାଁ ସମଲେଇ ଙ୍କ ଠାରେ ପୂଜାର୍ଚ୍ଚନା ପରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ର ବିଧିବଦ୍ଧ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଦିନ ସଂଯୋଜକ ଡ଼ ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଘୁଡକା ଭଟଲି ବରଗଡ, ଜନ ଲୋକ ନୃତ୍ୟ ଗ୍ରୁପ ବରଗଡ, ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନ, ଅତାବିରା, କିଆଫୁଲ ଅନୁଷ୍ଠାନ ସମ୍ବଲପୁର, ଭରନି କଳା ପରିଷଦ, ସମ୍ବଲପୁର, କଳା ଓ କଳାକାର, ସମ୍ବଲପୁର ପ୍ରମୁଖ ସମ୍ବଲପୁରୀ ଲୋକ ନାଚ ର ଦଶଟି ଶୈଳୀର ସମ୍ବଲପୁରୀ ଲୋକ ନାଚ ପ୍ରଦର୍ଶନ କରିଥିଲେ। ସେହିପରି ଲୋକ ସଙ୍ଗୀତ ବିଭାଗରେ ମାନସ ଷଡ଼ଙ୍ଗୀ -ରାଧା ମାଇଗୋ, ନନି କେ ଠିକ ଚିନ୍‌ହିଛେ, ସୁଜିତ ରଣବିଡାଙ୍କ ମାଳି ଜଗେଇଥିଲା, ଈଶ୍ୱରୀ ବେହେରାଙ୍କ ମହୁଲ ଝାରେ, ଚାପ କରାଟି, ନଚନିଆ, ଡିଳେଶ୍ୱରୀ ସାହୁଙ୍କ ମତେ ସାଙ୍ଗ ଦିଅ ଗୋ ଦିଅର, ମିନାକ୍ଷୀ ରାଉତଙ୍କ ହଳଦୀ ଗିନା, ଚିନ୍ମୟୀ ସାହୁଙ୍କ ଯାଇଫୁଲ, ଶ୍ରଦ୍ଧା ମିଶ୍ରଙ୍କ ମଳି କେ ମୋର ଆନୁଅଛେ ଜର ଓ ଅଙ୍କିତ ଷଡ଼ଙ୍ଗୀ ଲହରମନି, କଂଶି ଜନହିଁ ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ପ୍ରମୋଦ କୁମାର ମିଶ୍ର କୋରଷ, ସ୍ୱର ଝଙ୍କାର ଅନୁଷ୍ଠାନ, ସମ୍ବଲପୁର ପରେ ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାର ମାନେ ବହୁତ ଗୁଡିଏ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଭବାନୀ କଳା ପରିଷଦ, ଢୋଲ ମୁହୁରୀ ପରିଷଦ, ଭରନି କଳା ପରିଷଦ, ଟିଟଲାଗଡ ଢ଼ାପ ନୃତ୍ୟ ପରିଷଦ, ପଂଚବାଦ୍ୟ ଇତ୍ୟାଦି ଅନୁଷ୍ଠାନ ର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନ ରେ ପଶ୍ଚିମାଂଚଳ ଏକତା ମଂଚର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର , ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପଶ୍ଚିମାଂଚଳ ଏକତା ମଂଚ ସମ୍ବଲପୁରୀ ଦିନ୍ ଜରିଆରେ ସମ୍ବଲପୁରୀ କନା, ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଥିଲେ।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର ,୨/୦୮ (ନି.ପ୍ର): କୋରାପୁଟ ସଭାବନା ସଭାଗୃହଠାରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ସବର, ଅଭିଷେକ ପାଣିଗ୍ରାହୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ସୁଚାରୁ ଓ ଆକର୍ଷଣୀୟ ଭାବେ ଆୟୋଜନ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାଧୀନତା ଦିବସ ପୂର୍ବରୁ କୋରାପୁଟ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ଅବସରରେ ଆୟୋଜିତ ପ୍ୟାରେଡରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିବେ। ସ୍ୱାଧୀନତା ଦିବସ ଅବସରରେ ରକ୍ତଦାନ ଶିବିର, ଶାରୀରିକ କ୍ରୀଡ଼ା ଓ କୌତୁକ ପୋଷାକ ପ୍ରତିଯୋଗିତା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, କୁଇଜ୍, ରଚନା ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଏଥିସହ ଜିଲ୍ଲାପାଳ ଏକାଦଶ, ସାମ୍ବାଦିକ ଏକାଦଶ ଓ ଓକିଲ ସଂଘ ଏକାଦଶ ମଧ୍ୟରେ କୌତୁକ ଫୁଟବଲ୍ ପ୍ରତିଯୋଗିତା ଆୟୋଜନ କରାଯିବ। ଅଧିକ ସଂଖ୍ୟକ ଥର ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ମଧ୍ୟ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ କରାଯିବ। ଆସନ୍ତା ଅଗଷ୍ଟ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଜିଲ୍ଲାପାଳ ମହୋଦୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ସହରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ। ଏଥିମଧ୍ୟରୁ ଶ୍ରେଷ୍ଠ ୩ଟି ସୁସଜ୍ଜିତ ସରକାରୀ କାର୍ଯ୍ୟାଳୟକୁ ଚୟନ କରାଯାଇ ପୁରସ୍କୃତ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନରେଶ ଜାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର, ଏ.କେ. ବେହେରା, ଏସ୍.କେ. ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ୬୪ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଯୋଡ଼ି ହେବ ସମ୍ପର୍କର ଡୋର, ମହାନଦୀ ଉପରେ ସେତୁ ଯୋଡ଼ିବ ବିଚ୍ଛିନ୍ନ ପରିବାରର ସମ୍ପର୍କ

ଝାରସୁଗୁଡ଼ା,୨/୦୮ (ନି.ପ୍ର): ୬୪ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଯୋଡ଼ି ହେବ ସମ୍ପର୍କର ଡୋର। ହୀରାକୁଦ ଜଳଭଣ୍ଡାର ସୃଷ୍ଟି ପରେ ମହାନଦୀର ଦୁଇ କୂଳରେ ବିଚ୍ଛିନ୍ନ ହୋଇ ରହିଥିବା ହଜାର ହଜାର ପରିବାରଙ୍କ ପାଇଁ ପୁଜାରୀପାଲି-ଜରିମୂଳି ସମ୍ପର୍କ ସେତୁ ଏବେ ନୂଆ ଆଶାର ପ୍ରତୀକ ପାଲଟିଛି। ନିର୍ମାଣାଧୀନ ଏହି ସେତୁ କେବଳ ଦୁଇଟି ଜିଲ୍ଲାକୁ ନୁହେଁ, ବରଂ ବର୍ଷ ବର୍ଷ ଧରି ବିଚ୍ଛିନ୍ନ ହୋଇଥିବା ଆତ୍ମୀୟତାକୁ ପୁଣି ଥରେ ଏକାଠି କରିବାର ପଥ ପ୍ରସ୍ତୁତ କରୁଛି। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ପୁଜାରୀପାଲିରୁ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକର ଜରିମୂଳି ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଦୀର୍ଘ ଏହି ସେତୁର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୨୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ସେତୁ ରାଜ୍ୟର ଦୀର୍ଘତମ ସେତୁମାନଙ୍କ ମଧ୍ୟରେ ସ୍ଥାନ ପାଇବ। ଏବେ ପୁଜାରୀପାଲିରୁ ଜରିମୂଳିର ସିଧା ଦୂରତା ମାତ୍ର ୧୨ କିଲୋମିଟର ହୋଇଥିଲେ ମଧ୍ୟ ସେତୁ ନଥିବାରୁ ଲୋକଙ୍କୁ ସମ୍ବଲପୁର ଓ କନକତୋରା ଦେଇ ପ୍ରାୟ ୯୦ କିଲୋମିଟର ବୁଲି ଯିବାକୁ ପଡୁଛି। ସେତୁ ନିର୍ମାଣ ସରିଲେ ଯାତ୍ରା ସମୟ ଓ ଦୂରତା ଉଭୟରେ ବଡ଼ ଧରଣର ହ୍ରାସ ଘଟିବ। ସବୁଠାରୁ ବଡ଼ କଥା ହେଉଛି, ହୀରାକୁଦ ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପ୍ରାୟ ୨୬ ହଜାର ପରିବାର ଆଜି ବି ମହାନଦୀର ଦୁଇ ପାର୍ଶ୍ୱରେ ବସବାସ କରୁଛନ୍ତି। ସମ୍ପର୍କ ଥିଲେ ମଧ୍ୟ ଦୂରତା ସେମାନଙ୍କ ମିଳନରେ ବଡ଼ ବାଧା ହୋଇ ରହିଛି। ସେତୁଟି ସମ୍ପୂର୍ଣ୍ଣ ହେଲେ ପରିବାର, ସମ୍ପର୍କୀୟ ଓ ଗାଁ-ଗୋଷ୍ଠୀ ମଧ୍ୟରେ ହଜିଯାଇଥିବା ଆତ୍ମୀୟତା ପୁଣି ଫେରିବ ବୋଲି ସ୍ଥାନୀୟ ଲୋକଙ୍କ ଆଶା। ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ କହିଛନ୍ତି, ବିସ୍ଥାପନ ପରେ ପିଢ଼ି ପିଢ଼ି ଧରି ଅଲଗା ହୋଇ ରହିଥିବା ଲୋକଙ୍କ ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଏହି ପ୍ରକଳ୍ପ କେବଳ ଏକ ସେତୁ ନୁହେଁ, ବରଂ ଲୋକଙ୍କ ଭାବାବେଗ ସହ ଜଡ଼ିତ ଏକ ସ୍ୱପ୍ନ ବୋଲି ସେ କହିଛନ୍ତି। ସେତୁ ନିର୍ମାଣ ଶେଷ ହେଲେ ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ସହ ପଡ଼ୋଶୀ ଛତିଶଗଡ଼କୁ ମଧ୍ୟ ଯୋଗାଯୋଗ ଅଧିକ ସହଜ ହେବ। ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟବସାୟ ଓ ସାଂସ୍କୃତିକ ଆଦାନ-ପ୍ରଦାନ କ୍ଷେତ୍ରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଓଡ଼ିଶା ସେତୁ ନିର୍ମାଣ ସଂସ୍ଥାର ଅଧୀକ୍ଷଣ ଯନ୍ତ୍ରୀ ପ୍ରତୀକ ପୁରୋହିତଙ୍କ ସୂଚନା ଅନୁସାରେ, ପୁଜାରୀପାଲି ଓ ଜରିମୂଳି ପାର୍ଶ୍ୱରେ କାମ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଆଗେଇ ଚାଲିଛି।

# ଶୁଳଦିଆ ପଡ଼ାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଝାରସୁଗୁଡ଼ା,୨/୦୮ (ନି.ପ୍ର): ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ପଂଚପଡ଼ା ରାଜସ୍ୱ ଗ୍ରାମର ଶୁଳଦିଆ ପଡ଼ାରେ ତୃତୀୟ ଲିଙ୍ଗୀ ସମ୍ପ୍ରଦାୟଙ୍କ ପାଇଁ ପୂର୍ବରୁ ପ୍ରାୟ ୫୦ ଡିସିମିଲ ସରକାରୀ ଜମି ଚିହ୍ନଟ କରାଯାଇଥିଲା। ଏହାର ପାର୍ଶ୍ୱବର୍ତୀ ଖାଲି ସରକାରୀ ଜମିକୁ କିଛି ବାହାର ଅଂଚଳର ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରୁଥିବା ନେଇ ଗତ ୨୭.୦୭.୨୦୨୪ରେ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଥିଲା। ଉକ୍ତ ସମ୍ବାଦକୁ ଗୁରୁତ୍ୱର ସହ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ ସମ୍ପୃକ୍ତ ତହସିଲଦାର ସଦାକର କୁମ୍ଭାରଙ୍କୁ ଘଟଣାର ତୁରନ୍ତ ଯାଂଚ୍ କରି ଜବରଦଖଲ ଉଚ୍ଛେଦ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ଶ୍ରୀ କୁମ୍ଭାରଙ୍କ ନେତୃତ୍ୱରେ ଆର୍.ଆଇ. ଏକତାଲି ଫାଲଗୁନୀ ନାମଦେବ, ରେଭେନ୍ୟୁ ସୁପରଭାଇଜର ରୀତାରାଣୀ ନାୟକ, ରାଜସ୍ୱ ବିଭାଗ ଏବଂ ପୋଲିସ ପ୍ରଶାସନର ମିଳିତ ଟିମ୍ ପଂଚପଡ଼ା ରାଜସ୍ୱ ଗ୍ରାମର ଶୁଳଦିଆ ପଡ଼ାରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଜଣାପଡ଼ିଥିଲା ଯେ ବାହାର ଅଂଚଳରୁ ଆସିଥିବା ଅନେକ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରିଛନ୍ତି। କେତେକ ବ୍ୟକ୍ତି ସେଠାରେ ବସବାସ କରୁଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଘର ନିର୍ମାଣ ଆରମ୍ଭ କରିଥିଲେ, କିନ୍ତୁ ସେଠାରେ ରହୁନାହାନ୍ତି। ଅଭିଯାନ ସମୟରେ ନିର୍ମାଣାଧୀନ ଘରଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯାଇଥିଲା। ସେହିପରି, ସରକାରୀ ଜମିରେ ବସବାସ କରୁଥିବା ଜବରଦଖଲକାରୀଙ୍କ ବିରୋଧରେ ଏନକ୍ରୋଚମେଣ୍ଟ ମାମଲା ରୁଜୁ କରାଯାଇଛି। ଆଇନଗତ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ସେମାନଙ୍କୁ ମଧ୍ୟ ଉଚ୍ଛେଦ କରାଯିବ। ଏଥିସହ ସରକାରୀ ଜମିର ଚିହ୍ନଟ, ସୀମା ନିର୍ଦ୍ଧାରଣ, ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ରାଜସ୍ୱ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ଜମି ଉପରେ କୌଣସି ପ୍ରକାରର ବେଆଇନ ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ। ଏଭଳି ଅଭିଯୋଗ ମିଳିଲେ ତୁରନ୍ତ ଯାଂଚ୍ କରାଯାଇ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପ୍ରଭାବିତ ଅଂଚଳ ପରିଦର୍ଶନ କଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ନୂଆପଡ଼ା,୨/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ନେହେନା ଗ୍ରାମକୁ ଯାଇ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଭେଟିଛନ୍ତି କଂଗ୍ରେସ ପ୍ରତିନିଧି ମଣ୍ଡଳୀ। କଂଗ୍ରେସର ବରିଷ୍ଠ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ନେହେନା ଗ୍ରାମକୁ ଏକ ଟିମ ଯାଇ ବନ୍ୟା ପ୍ରଭାବିତ ଲୋକଙ୍କ ଦୁଃଖ-ଦୁର୍ଦ୍ଦଶା ବୁଝିଥିଲେ। ନେହେନା ଗ୍ରାମରେ ଅନେକ ପରିବାରଙ୍କ ଘରେ ବର୍ଷା ପାଣି ପଶିଯାଇଛି। ଫଳରେ ଲୋକମାନେ ଘର ଛାଡ଼ି ପଂଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ପ୍ରାୟ ୮୦ରୁ ୧୦୦ ଜଣ ଲୋକ ସେଠାରେ ରହୁଥିଲେ ମଧ୍ୟ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ବ୍ୟବସ୍ଥା ହୋଇନାହିଁ। ସକାଳର ଜଳଖିଆ ମଧ୍ୟ ମିଳିନାହିଁ ଏବଂ ଏପର୍ଯ୍ୟନ୍ତ ପ୍ରଭାବିତ ପରିବାରମାନଙ୍କୁ ପଲିଥିନ ବଂଟନ କରାଯାଇନାହିଁ। ଏନେଇ ପ୍ରତିନିଧି ମଣ୍ଡଳୀ ବିଡିଓ ଓ ତହସିଲଦାରଙ୍କ ସହ ଯୋଗାଯୋଗ କରି ସମଗ୍ର ପରିସ୍ଥିତି ସମ୍ପର୍କରେ ଅବଗତ କରାଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ବିଡିଓ ମଧ୍ୟ ଆଜି ଦ୍ୱିପ୍ରହରରେ ନେହେନା ଗ୍ରାମକୁ ଯାଇ ପୀଡ଼ିତ ପରିବାରମାନଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ। ଗ୍ରାମବାସୀଙ୍କ ଦାବି ମଧ୍ୟରେ ପ୍ରତିବର୍ଷ ବର୍ଷା ହେଲେ ସେମାନଙ୍କ ଘରେ ପାଣି ପଶିଯାଏ ଏବଂ ସେଠାରେ ବସବାସ କରିବା ଅସମ୍ଭବ ହୋଇପଡ଼େ। ତେଣୁ ସରକାର ଓ ପ୍ରଶାସନ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନରେ ସ୍ଥାୟୀ ଭାବେ ଥଇଥାନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ।

# ବୋଡେନ ବ୍ଲକର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ଜିଲ୍ଲାପାଳ

ନୂଆପଡ଼ା,୨/୦୮ (ନି.ପ୍ର): ଜିଲ୍ଲାପାଳ ମଧୁସୂଦନ ଦାଶ ଆଜି ବୋଡେନ ବ୍ଲକର ବର୍ଷା ଓ ବନ୍ୟାପ୍ରଭାବିତ ବିଭିନ୍ନ ଅଂଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ଅବସରରେ ଜିଲ୍ଲାପାଳ କର୍ଲାକୋଟସ୍ଥିତ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ବନ୍ଦ କରାଯାଇଥିବା ଜଣାପଡ଼ିବା ପରେ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନଶିକ୍ଷକଙ୍କ ସମେତ ସମ୍ପୃକ୍ତ ଶିକ୍ଷକମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏହାପରେ ସେ କର୍ଲାକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିଦର୍ଶନ କରି ବର୍ଷାଜନିତ ଘରଭଙ୍ଗା ଓ ଫସଲ କ୍ଷୟକ୍ଷତି ସର୍ଭେକୁ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ଏହି କାର୍ଯ୍ୟର ତଦାରଖ କରିବାକୁ କହିଥିଲେ। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ସରଗିମୁଣ୍ଡାରୁ ଆମେରା ରାସ୍ତାର ମରାମତି କାର୍ଯ୍ୟକୁ ୧୫ ଦିନ ମଧ୍ୟରେ ସମ୍ପନ୍ନ କରିବାକୁ ବୋଡେନ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସିଡିଓ-କମ୍-ଇଓ, ଜିଲ୍ଲା ପରିଷଦଙ୍କୁ ଏହାର ତଦାରଖ କରିବାକୁ କୁହାଯାଇଛି। ଜିଲ୍ଲାପାଳ ଦରଗାଁ ଗ୍ରାମପଂଚାୟତର କୋଦାମୁଣ୍ଡାପଡ଼ା ବନ୍ୟାପ୍ରଭାବିତ ଗ୍ରାମ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ଅସ୍ଥାୟୀ ଆଶ୍ରୟସ୍ଥଳରେ ରହୁଥିବା ସ୍ଥାନାନ୍ତରିତ ପରିବାରମାନଙ୍କ ପାଇଁ ଚାଲିଥିବା ମାଗଣା ରନ୍ଧନଶାଳା ଓ ଖାଦ୍ୟ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହାସହ କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି ଓ କ୍ଷୟକ୍ଷତି ସର୍ଭେ ଶୀଘ୍ର ସମାପ୍ତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଜଳାଶୟରୁ ବର୍ଷା ସମୟରେ ଆସୁଥିବା ପାଣିର ପ୍ରବାହ ନିୟନ୍ତ୍ରଣ ପାଇଁ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ସତୀଘାଟ ନିକଟରେ ସେତୁ ନିର୍ମାଣ ପ୍ରସଙ୍ଗରେ ଜିଲ୍ଲାପାଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ସ୍ଥଳ ପରିଦର୍ଶନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ‘ସମାଜ’ ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନ




ବାଲେଶ୍ୱର, ୨/୮ (ନି.ପ୍ର): ବାଲେଶ୍ୱର ଜିଲାର ସଦର ବ୍ଲକ ସମେତ ସୋର, ସିମୁଳିଆ, ରେମୁଣା ଓ ବସ୍ତା ଆଦି ବ୍ଲକର ବିଭିନ୍ନ ପଞ୍ଚାୟତରେ ‘ସମାଜ’ ପକ୍ଷରୁ ତିନି ଦିନ ଧରି ରିଲିଫ ବଣ୍ଟନ କରାଯାଇଛି। ଶୁକ୍ରବାର ବାଲେଶ୍ୱର ସହର ଉପକଣ୍ଠ ଓ ସଦର ବ୍ଲକ ବଇଁଚା ପଞ୍ଚାୟତରେ ରିଲିଫ ବଣ୍ଟନ କରାଯାଇଛି। ଶନିବାର ସୋର ବ୍ଲକ କାଂଶବାଂଶ ଓ ପିତାକାଳିଆ ନଦୀର ବନ୍ୟାରେ ପ୍ରଭାବିତ ତଳନଗର ଓ କେଦାରପୁର ଅଞ୍ଚଳର ଅସହାୟ ପରିବାରଙ୍କ ସହାୟତା ପାଇଁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ଯୋଗୁଁ ଘରଦ୍ୱାର, ଚାଷଜମି ଓ ଜୀବନଜୀବିକା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ନିକଟରେ ପହଞ୍ଚି ‘ସମାଜ’ର ବାଲେଶ୍ୱର ଦଳ ମାନବିକତାର ପରିଚୟ ଦେଇ ସହାୟତାର ହାତ ବଢ଼ାଇଥିଲ। ସଲାମପୁରରେ ସୋର ବିଧାୟକ ମାଧବ ଧଡ଼ା ପହଞ୍ଚି ‘ସମାଜ’ର ଏହି ମହତ କାର୍ଯ୍ୟର ପ୍ରଶଂସା କରିବା ସହିତ ଲୋକଙ୍କୁ ସମାଜ ଅନୁଷ୍ଠାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମୋଟ ୨୩୦ଟି ରିଲିଫ ପ୍ୟାକେଟ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ପ୍ୟାକେଟରେ ଚୁଡ଼ା, ଚିନି, ଅମୂଲ ଦୁଗ୍ଧ ପାଉଡର, ବିସ୍କୁଟ, ମହମବତି ଓ ଦିଆସିଲି ଭଳି ଆବଶ୍ୟକୀୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରଖାଯାଇଥିଲା। ତଳନଗର ପଞ୍ଚାୟତର ପାଟଣା ସାହିର ୫୫, ସାଲମପୁରର ୭୪, ଅଙ୍କୁରଖାର୍ଜୀର ୪୧, କେଦାରପୁର ପଞ୍ଚାୟତର ଘାସୁଆର ୪୭, ପାଟଣାର ୬ ଓ ଥାନେଶ୍ୱରର ୭ ପରିବାରଙ୍କୁ ଏହି ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବନ୍ୟା ବିପର୍ଯ୍ୟୟ ସମୟରେ ଏଭଳି ସହାୟତା ପାଇ ଉପକୃତ ପରିବାରମାନେ ‘ସମାଜ’ ଅନୁଷ୍ଠାନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୋରର ସାମ୍ବାଦିକ ରାଜାରାମ ଦାସ ରିଲିଫ ସାମଗ୍ରୀ ପ୍ରଦାନରେ ସହଯୋଗ କରିଥିଲେ। ବନ୍ୟା ବିପର୍ଯ୍ୟୟ ସମୟରେ ସମାଜର ଏହି ମାନବିକ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଛି। ବିଭିନ୍ନ ଗ୍ରାମର ଲୋକମାନେ ‘ସମାଜ’ ଅନୁଷ୍ଠାନ ଓ ବାଲେଶ୍ୱର ଟିମ୍‌କୁ ଧନ୍ୟବାଦ ଜଣାଇବା ସହ ବିପଦ ସମୟରେ ଏଭଳି ସାମାଜିକ ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ମତ ପ୍ରକାଶ କରିଛନ୍ତି। ସେହିପରି ସିମୁଳିଆ ବ୍ଲକ କ୍ଷୀରକୋଣା ପଞ୍ଚାୟତର ବାଙ୍କପାଟଣା ଓ ଚାଲୁଣୀ ଗାଁ ପଞ୍ଚାୟତର ବାଇଂଶୀବାଟି ଗ୍ରାମରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। କ୍ଷୀରକୋଣା ପଞ୍ଚାୟତର ବାଙ୍କପାଟଣା ଗାଁରେ ୬୫, ଚାଲୁଣୀ ଗାଁ ପଞ୍ଚାୟତର ବାଇଂଶୀବାଟିରେ ୧୧୯ ଜଣଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ‘ସମାଜ’ ବାଲେଶ୍ୱର କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କ ସହ ସମାଜସେବୀ ସୁରେଶ ଚନ୍ଦ୍ର ବେହେରା ଓ ରଞ୍ଜନ କୁମାର ରାଉତଙ୍କ ସହଯୋଗରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସିମୁଳିଆ ‘ସମାଜ’ ପ୍ରତିନିଧି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୋର ପ୍ରତିନିଧି ରାଜାରାମ ଦାସ, ଖଇରା ‘ସମାଜ’ ପ୍ରତିନିଧି କୈଳାସ ଚନ୍ଦ୍ର ବେହେରା, ସକ୍ରିୟ ସହଯୋଗ କରିଥିଲେ। ସେହିଭଳି ରେମୁଣା ବ୍ଲକର ବନ୍ୟା ପ୍ରଭାବିତ ଲୋକଙ୍କୁ ‘ସମାଜ’ ପକ୍ଷରୁ ରିଲିଫ ପ୍ରଦାନ କରାଯାଇଛି। ଖରିଦମୁଖୁରା ପଞ୍ଚାୟତର ବଡ଼ୁଆ, ବାସୁଖୁଣ୍ଟାର ୩୦ ପରିବାର ଓ ନୂଆଗାଁ ପଞ୍ଚାୟତ ଦିଖାପଦାରେ ୪୦ ପରିବାରକୁ ଏହି ସବୁ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବଡ଼ୁଆରେ ୱାର୍ଡ ସଭ୍ୟା ମାଳତୀ ମହାଳିକ, ରତିକାନ୍ତ ମଳିକ, ପ୍ରଫୁଲ ପ୍ରଧାନ, କରୁଣାକର ମଳିକ ଓ ଦିଖାପଦାରେ ନେତ୍ରୀ ଶାକମ୍ବରୀ ସିଂଙ୍କ ସହ ?ଯୋଗରେ ପୀଡ଼ିତ ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇଥିଲା। ‘ସମାଜ’ର ଶାଖା ପରିଚାଳକ ସତ୍ୟବ୍ରତ ଜେନା, ସହାୟକ ରାମଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ମଲିକ, ରେମୁଣା ପ୍ରତିନିଧି ସୁରେଶ ଦାସ, ବିତରକ ବ୍ରହ୍ମାନନ୍ଦ ବିନ୍ଧାଣୀ ରିଲିଫ ବଣ୍ଟନ କରିଥିଲେ। ଅନୁରୂପ ଭାବେ ରବିବାର ବସ୍ତା ବ୍ଲକର ଇଡ଼ଦା ଓ ସଦର ବ୍ଲକର ଛାନୁଆ, ପରିଖି ଆଦି ଅଞ୍ଚଳରେ ରିଲିଫ ବଣ୍ଟନ କରାଯାଇଛି।

# ବିପନ୍ନଙ୍କ ପାଖରେ ପହଞ୍ଚିଲା ନାହିଁ ପ୍ରଶାସନ: ସିପିଏମ୍ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ ଓ ତୁରନ୍ତ ସହାୟତା ଦାବି



ଜଳେଶ୍ୱର, ୨/୮ (ନି.ପ୍ର): ପ୍ରବଳ ବର୍ଷା ଯୋଗୁଁ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଚାଷୀମାନଙ୍କର ଧାନ ତଳି ପଚିଯାଇଥିବା ବେଳେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନେକ ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ନିଜ ଭିଟାମାଟି ଛାଡ଼ି ନିକଟସ୍ଥ ସ୍କୁଲ୍ ଘରେ ଆଶ୍ରୟ ନେଇଛନ୍ତି। ତେବେ ବିପର୍ଯ୍ୟୟକୁ ୭ ଦିନ ବିତିଯାଇଥିଲେ ମଧ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ବିପନ୍ନ ଲୋକଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି କିମ୍ବା ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇ ନାହିଁ ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି ଜଳେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୋଗ କରାଯାଇଛି। ଏଭଳି ସଙ୍କଟ ସମୟରେ ଆଜି ସିପିଏମ୍ ପକ୍ଷରୁ ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଗ୍ରାମର ବନ୍ୟା ବିପନ୍ନ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଏହି ଗ୍ରାମର ଶତାଧିକ ଘରେ ବର୍ଷା ପାଣି ପଶିଯିବା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ବାଧ ହୋଇ ସ୍କୁଲ୍ ଘରେ ଆଶ୍ରୟ ନେଇଛନ୍ତି।ଏଥି ସହିତ ଦଳ ତରଫରୁ ଏକ ପ୍ରତିନିଧି ଦଳ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି ଯେ, ସମ୍ପତିଆ, ସୁଗୋ, ପଶ୍ଚିମ ବାଡ଼, ଗୋପୀମୋହନପୁର, ରାଜପୁର, ଲକ୍ଷ୍ମଣନାଥ, ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, ବରଡିହା ଏବଂ କାଳିକା ଆଦି ପଞ୍ଚାୟତର ବହୁ ଗ୍ରାମ ଏବେ ବି ପାଣି ଘେରରେ ରହିଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ପ୍ରଭାବିତ ଲୋକଙ୍କୁ ରିଲିଫ୍ ତଥା ପଲିଥିନ୍ ବଣ୍ଟନ କରିବାକୁ ସିପିଏମ୍ ପକ୍ଷରୁ ଦାବି କରାଯାଇଛି। ଏହା ସହିତ ନଷ୍ଟ ହୋଇଥିବା ଫସଲର ତୁରନ୍ତ ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା, ମାଗଣା ବିହନ ଯୋଗାଇଦେବା ଏବଂ ଯେଉଁମାନଙ୍କର ଘର ଭାଙ୍ଗି ଯାଇଛି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ଦଳ ପ୍ରଶାସନ ନିକଟରେ ଦାବି କରିଛି। ଏହି ପରିଦର୍ଶନ ତଥା ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ସିପିଏମ୍‌ର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ପାର୍ଟିର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ,ପଲ୍ଟୁ ଦାସ,ରବିନ୍ଦ୍ର ବାରିକ,ମଦନ ମାହାଲିକ୍,କୁନା ଟୁଡୁ,ଝରଣା ଘଡ଼େଇ,ଶଙ୍କର ମୁର୍ମୁ ଏବଂ କାର୍ତ୍ତିକ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମାଧପୁର ଓ କରାଣ୍ଡୀମାଳରେ ବନ୍ୟା ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ଭଦ୍ରକ, ୨/୮ (ନି.ପ୍ର): ଭଦ୍ରକ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଭଦ୍ରକ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଆଜି ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଧପୁର ଏବଂ କରାଣ୍ଡୀମାଳ ଅଞ୍ଚଳ ଗସ୍ତ କରିଥିଲେ।ଗସ୍ତ ସମୟରେ ଜିଲ୍ଲାପାଳ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଶ୍ରୟସ୍ଥଳ, ରିଲିଫ୍ ବଣ୍ଟନ, ପାନୀୟ ଜଳ, ଖାଦ୍ୟ, ସ୍ୱାସ୍ଥ୍ୟସେବା ଏବଂ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ସମସ୍ତ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆବଶ୍ୟକସ୍ଥଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ କୌଣସି ପ୍ରଭାବିତ ପରିବାର ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସମ୍ପୂର୍ଣ୍ଣ ତତ୍ପରତାର ସହ ଜାରି ରହିଥିବା ବେଳେ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି।

# ଝୋଟ କାରଖାନା ଶ୍ରମିକ ସଂଘ ପକ୍ଷରୁ ଅରୁଣ ଦେ’ଙ୍କ ସ୍ମୃତିସଭା: ଅରୁଣ ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ଥିଲେ



ବାଲେଶ୍ୱର, ୨/୮ (ନି.ପ୍ର): ରୂପ୍‌ସା ଝୋଟ କାରଖାନା ଶ୍ରମିକସଙ୍ଘ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକସଂଘର ସଭାପତି ସ୍ୱର୍ଗତ ଅରୁଣ ଦେ’ଙ୍କ ପଞ୍ଚମ ବାର୍ଷିକୀ ଶ୍ରାଦ୍ଧ ଦିବସ ରବିବାର ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସଙ୍କ ଅଧକ୍ଷତା କରି ସ୍ୱର୍ଗତ ଦାଦା ବାଲେଶ୍ୱର ମାଟିର ଜଣେ ଆଦର୍ଶ ନେତା ଥିଲେ। ସେ ସାଧାରଣ ଲୋକଙ୍କ ପାଇଁ ସଂଗ୍ରାମ କରି ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ ଯୋଗଦେଇ ଶ୍ରମିକ ନେତା ଅରୁଣ ଦେ ସେବା, ସଙ୍ଘର୍ଷର ଜନନେତା ଥିଲେ ବୋଲି କହିଥିଲେ। ସଂଘର ସାଧାରଣ ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ରଘୁନାଥ ସାହୁ, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର, ସଂଗଠନ ସମ୍ପାଦକ ଦୀପକ କୁମାର ପଣ୍ଡା, ସନାତନ ପ୍ରଧାନ, ତପନ ସାହୁ, ରାଜେନ୍ଦ୍ର ଦାସ, ନିରଞ୍ଜନ ଦାସ, ସଂଗଠକ ପଞ୍ଚାନନ ବିଶ୍ୱାଳ, ସହ ସମ୍ପାଦକ ଜଗନ୍ନାଥ ନାୟକ, ମନୋରଞ୍ଜନ ସିଂହ, ପ୍ରଦୀପ ଜେନାଙ୍କ ସମେତ ସମସ୍ତ ଇସି ମେମ୍ବର ଉପସ୍ଥିତ ରହି ସ୍ୱର୍ଗତ ଦେ’ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ରାସ୍ତାର ଦୂରାବସ୍ଥାକୁ ନେଇ ଜଳାଭିଷେକ କରିବାକୁ ଆସିଥିବା କାଉଡିଆଙ୍କ ଭିତରେ ଅଶାନ୍ତି

## ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ ରାସ୍ତାରେ ବସ୍ ଚଳାଚଳ ବନ୍ଦ



ନୀଳଗିରି, ୨/୮ (ନି.ପ୍ର): ଶ୍ରାବଣମାସର ତୃତୀୟପାଳି ଅବସରରେ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଜଳାଭିଷେକ ପାଇଁ ରାଜ୍ୟ ଏବଂ ରାଜ୍ୟବାହାରୁ ହଜାର ହଜାର କାଉଡିଆ ଜଳାଭିଷେକ ପାଇଁ ଆସୁଥିବା ବେଳେ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତାରେ ଅହେତୁକ ଭିଡ଼ ଦେଖିବାକୁ ମିଳିଥିଲା। ମାତ୍ର ଏହାରି ଭିତରେ ସବୁଠି କାଉଡିଆଙ୍କ ମଧ୍ୟରେ ଅଶାନ୍ତି ଦେଖିବାକୁ ମିଳିଥିଲା। ପଞ୍ଚଲିଙ୍ଗେଶ୍ୱର ପୀଠକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଏଭଳି ଦୂରାବସ୍ଥାପାଇଁ ବୋଲବମ୍ ଭକ୍ତଙ୍କ ଗୋଡରୁ ରକ୍ତଝରିବା, ଚାଲିବାରେ ଅସୁବିଧା ହେବା, ଏପରିକି ମହିଳା ଭକ୍ତମାନେ ରାସ୍ତାଖରାପ ଯୋଗୁଁ ପଡ଼ିଯିବା ଘଟଣା ଦେଖିବାକୁ ମିଳିଛି। ଉକ୍ତ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡ଼ିଆ ରାସ୍ତାରେ ଏବେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଥିବାରୁ ଏହି ରାସ୍ତାରେ ବସଚଳାଚଳ ବନ୍ଦଥିବା କଥାଶୁଣି ସୋମବାର ବସରେ ଫେରିବାକୁ ଆଶାବାନ୍ଧିଥିବା ଭକ୍ତମାନେ ଏବେ ଚିନ୍ତାରେ। ଉକ୍ତ ରସ୍ତା ମରଣଯନ୍ତା ହୋଇଥିବାରୁ ବସ୍ ଚଳାଚଳ କରିବା ଯୋଗୁ ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହି ରାସ୍ତାରେ କ୍ଷତିରେ ବସ୍ ଚଳାଇବା କଷ୍ଟକର ବ୍ୟାପର ଯୋଗୁ ଉକ୍ତ ରାସ୍ତାରେ ଯାଉଥିବା ୮ଟି ବସ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚଳାଚଳ ବନ୍ଦ ରଖିଛନ୍ତି। ରାସ୍ତା ପାଇଁ ପୂର୍ବରୁ ୨୫ ଥର ଧାରଣା ଦିଆଯାଇଥିଲା ବେଳେ, ଏବେ ବସ୍ ମାଲିକମାନେ ବି ଧାରଣା ଦେଇଛନ୍ତି। ବସ୍ ଚଳାଚଳ ବନ୍ଦଯୋଗୁଁ ଲୋକେ ଏବଂ କାଉଡିଆ ହୀନସ୍ତା ହେଉଛନ୍ତି। ତେବେ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ଏହି ପାଳିରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ପର୍ଶ ବାରଣ କରାଯାଇଛି। ଶ୍ରଦ୍ଧାଳୁ କାଉଡ଼ିଆ ଭକ୍ତମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ କରାଯାଇ ଜଳଲାଗି କରିବାକୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଆଗାମୀ ସୋମବାର ଚର୍ତୁଥପାଳି ଅବସରରେ ପ୍ରଶାସନ ଉକ୍ତ ସମସ୍ୟାପ୍ରତି ତତ୍ପରତାର ସହିତ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ସହିତ ପଞ୍ଚଲିଙ୍ଗେଶ୍ୱର ପୀଠର ସୁନାମରେ ଆଞ୍ଚ ଆସିବନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବନ୍ୟା ପରେ ବଢ଼ିବାରେ ...

ଯାହାକୁ ନେଇ ଲୋକେ ଚିନ୍ତାରେ ପଡ଼ିଛନ୍ତି। ପାଣି ଛାଡୁଥିବାବେଳେ ବନ୍ୟାଂଚଳରେ ଘାରିଲାଣି ବିଭିନ୍ନ ରୋଗ ଭୟ। ବିଶେଷକରି ପାନୀୟ ଜଳ ସଂକଟ ଦେଖାଦେଇଥିବାରୁ ଝାଡ଼ା, ବାନ୍ତି ବ୍ୟାପିବାର ଆଶଙ୍କା ରହିଛି। ସେହିପରି ବନ୍ୟା ପାଣିରେ ଘଣ୍ଟା ଘଣ୍ଟା ଧରି ଏପଟେ ସେପଟ ହେବା ଯୋଗୁଁ ଥଣ୍ଡା, ଜ୍ୱର, ଆଖି ଧରିବା ଆଶଙ୍କା ବଢ଼ିଛି। ସେହିପରି ଚର୍ମ ରୋଗ ମଧ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ସତର୍କ କରିଛନ୍ତି ଡାକ୍ତର। ବନ୍ୟା ପରେ ସାପ କାମୁଡ଼ା ଭୟ ବଢ଼ିଛି। ତେଣୁ ଘରୁ ବାହାରିଲେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର। ବିଶେଷକରି ସାପ କାମୁଡ଼ିଲେ ଗୁଣିଗାରେଡ଼ି ଉପରେ ଭରସା ନକରି ଆଣ୍ଟି ଭେନମ ନେବାକୁ ପରାମର୍ଶ ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଓ ପାନୀୟ ଜଳ ଯୋଗାଇ ଦେବା ସରକାରଙ୍କ ପାଇଁ ବଡ ଆହ୍ୱାନ।

## ଓଡ଼ିଶାରେ ନିଶାମୁକ୍ତ ...

ରାଜ୍ୟପାଳ ନିଜ ଅଭିଭାଷଣରେ, କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ ‘ଜନ-ଆନ୍ଦୋଳନ’ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ। ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର ‘ଶୂନ୍ୟ ସହନଶୀଳତା’ ନୀତି ଆପଣାଇଛନ୍ତି। ଓଡ଼ିଶା ପୋଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୋଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି।

## ରୁଷିଆର ସାମରିକ...

କାଲୁଗା ପ୍ରଦେଶର ଲୁଡିନୋଭସ୍କାୟ ତୈଳ ଡିପୋ ଏବଂ ସମାରାର ନୋଭୋ ସେମ୍ୟାକିନୋସ୍ଥିତ ୱାଇଲ୍ଡବେରିଜର ବିଶାଳ ଗୋଦାମ ଉପରେ ମଧ ଆକ୍ରମଣ କରାଯାଇଛି। ୱାଇଲ୍ଡବେରିଜ୍ ପ୍ଲାଟଫର୍ମ ଦ୍ୱାରା ଡ୍ରୋନ୍ ପାର୍ଟସ୍ ଓ ସାମରିକ ଉପକରଣ ଯୋଗାଣ ହେଉଥିବା ଅଭିଯୋଗ ରହିଛି । ଗତ ଅଗଷ୍ଟ ୧ ତାରିଖରେ କିଭରେ ୟୁକ୍ରେନୀୟ କମ୍ପାନୀ ''ରୋଜେଟକା'' ଉପରେ ରୁଷ କରିଥିବା ଆକ୍ରମଣର ଜବାବରେ ୟୁକ୍ରେନ ଏହି ପଦକ୍ଷେପ ନେଇଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

## କେରଳ ବନ୍ୟା...

ଶନିବାର ଅପେକ୍ଷା ରବିବାର ବର୍ଷାର ପରିମାଣ କମିଥିଲେ ମଧ ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି । ରାଜସ୍ୱ ମନ୍ତ୍ରୀ ଏ ପି ଅନିଲକୁମାର ଗଣମାଧ୍ୟମକୁ କହିଛନ୍ତି ଯେ ବନ୍ୟା ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି । ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ପଠାନମଥିଟ୍ଟା, ଇଡୁକ୍କି, ୱାୟାନାଡ, କୋଟାୟାମ, କୋଜିକୋଡ ଏବଂ କନ୍ନୁର ଜିଲ୍ଲାର ନଦୀକୂଳିଆ ଏବଂ ତଳୁଆ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଏବଂ ଅନେକ ଘର ଭିତରକୁ ବନ୍ୟା ଜଳ ପ୍ରବେଶ କରିଛି। ରବିବାର ସକାଳେ ବର୍ଷା କମିଥିଲେ ମଧ ପଠାନମଥିଟ୍ଟା ଜିଲ୍ଲାର ରାନି ଏବଂ ଆଲାପୁଝା ଜିଲ୍ଲାର କୁଟ୍ଟାନାଡ ଅଞ୍ଚଳରୁ ବନ୍ୟା ଜଳ ହ୍ରାସ ପାଇନାହିଁ, ଯେଉଁଥିପାଇଁ ସ୍ଥାନୀୟ ବାସିନ୍ଦା ଯାତାୟାତ ପାଇଁ ଛୋଟ ଡଙ୍ଗା ବ୍ୟବହାର କରୁଛନ୍ତି। ୧୨ଟି ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଆଜି ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତକାଲି ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ଡ୍ୟାମଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ବିଭିନ୍ନ ଅଞ୍ଚଳରେ ବ୍ୟାପକ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି।

## ନିଟ୍ ପିଜି-୨୦୨୬ ପାଇଁ କଡ଼ା ସୁରକ୍ଷା...

ଆବେଦନ ସମୟରେ ଓ ପରୀକ୍ଷା ଦିନ ଆଧାରଭିତ୍ତିକ ପରିଚୟ ଯାଞ୍ଚ କରାଯିବ। ଆଙ୍ଗୁଠି ଛାପ ମେଳ ନ ଖାଇଲେ ଆଖିର ଡୋଳା ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ରକୁ ଆଗୁଆ ସିଲ୍ କରି ଯାଞ୍ଚ, ସିସିଟିଭି ନିରୀକ୍ଷଣ, ଶରୀର ତଲାସି, ସିଗ୍ନାଲ୍ ଜାମର ଏବଂ କେନ୍ଦ୍ରୀୟ ଓ ଆଞ୍ଚଳିକ ନିୟନ୍ତ୍ରଣ କକ୍ଷରୁ ସିଧାସଳଖ ନଜର ରଖିବା ବ୍ୟବସ୍ଥା ହୋଇଛି। ପରୀକ୍ଷା ଆରମ୍ଭର ଅଳ୍ପ ସମୟ ପୂର୍ବରୁ ସୁରକ୍ଷିତ ଓ ସାଙ୍କେତିକ ପଦ୍ଧତିରେ ଚୂଡ଼ାନ୍ତ ପ୍ରଶ୍ନପତ୍ର ଚୟନ ହେବ। ତେଣୁ ପ୍ରଶ୍ନପତ୍ର ଆଗୁଆ ମିଳିବା ସମ୍ପର୍କିତ ମିଥ୍ୟା ଦାବି ଓ ଗୁଜବରେ ବିଶ୍ୱାସ ନ କରିବାକୁ ନଡ୍ଡା ପରୀକ୍ଷାର୍ଥୀଙ୍କୁ କହିଛନ୍ତି।

## ୩ଟି ହାଇୱା ମଧ୍ୟରେ...

ସଦର ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ନିଖିଲ ଢାବା ସମ୍ମୁଖରେ ଆଜି ମଧ୍ୟାହ୍ନରେ ବିଭିନ୍ନ ଦିଗରୁ ଆସୁଥିବା ୩ଟି ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମ ଦୁଇଟି ହାଇୱା ଦୁଇ ବିପରୀତ ଦିଗରୁ ଆସି ପିଟି ହୋଇଥିବା ବେଳେ ଅନ୍ୟଟି ପଛ ପଟରୁ ଆସି ସମ୍ମୁଖ ଭାଗରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ହାଇୱା ସହ ବାଡେଇ ହୋଇଥିଲା। ଏଥିରେ ହାଇୱାର କ୍ୟାବିନରେ ଚାପି ହୋଇ ୨ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେପଟେ, ଅନ୍ୟ ହାଇୱା ଟି ରାସ୍ତା ତଳକୁ ଖସି ଯାଇଥିବା ବେଳେ ତାହାର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତାହତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିବା ବେଳେ ସେଠାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଆହତ ଡ୍ରାଇଭରଙ୍କ ଚିକିତ୍ସା ଚାଲିଛି। ତେବେ, ବର୍ତ୍ତମାନ ସୁଦ୍ଧା ୨ ମୃତକ ଏବଂ ଅନ୍ୟ ଆହତଙ୍କ ପରିଚୟ ମିଳିପାରିନାହିଁ। ସେପଟେ, ତିନୋଟି ଯାକ ହାଇୱା ରାସ୍ତାର ଦୁଇ ପାର୍ଶ୍ୱରେ ଛିଟିକି ପଡିଥିବାରୁ ବେଶ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ପୁଲିସ କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ ହାଇୱା ଗୁଡିକୁ ସ୍ଥାନାନ୍ତର କରିବା ପରେ ଯାତାୟତ ସ୍ୱାଭାବିକ ହୋଇଛି। ସମୟ ପାଇଁ ଟ୍ରାଫିକ ସମସ୍ୟା ଉପୁଜୁଥିଲା ପରେ ପୋଲିସ ଟ୍ରକ୍ କୁ ସାଇଡ କରିବା ପରେ ଟ୍ରାଫିକ ସମସ୍ୟା ସୁଧୁରିଚି। ତେବେ ଡ୍ରାଇଭର ମାନଙ୍କର ପରିଚୟ ମିଳିପାରିନାହିଁ। ପୋଲିସ ଆହତ ଡ୍ରାଇଭରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ମୃତ ଡ୍ରାଇଭରଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପରିଚୟ ଖୋଜୁଛି।

## ଓଡ଼ିଶାରେ ବନ୍ୟା...

ହୋଇଥିବା ବେଳେ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଏବଂ କଟକର କିଛି ଅଞ୍ଚଳ ମଧ ପ୍ରଭାବିତ ହୋଇଛି । ସ୍ଥିତିର ସମୀକ୍ଷା ପାଇଁ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ‘ଗ୍ରାଉଣ୍ଡ ଜିରୋ’କୁ ଯାଇ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟର ଅନେକ ସ୍ଥାନରେ ଘର ଭାଙ୍ଗିବା ସହ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଛି । ଏହାର ରିପୋର୍ଟ ହସ୍ତଗତ ହେବା ପରେ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯିବ । ସେହିପରି ଶକ୍ତି, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ପତ୍ତି ସହ ଅନେକ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ କ୍ଷତିଗ୍ରସ୍ତ ହୋଇଛି । ଏସବୁର ତୁରନ୍ତ ମରାମତି ପାଇଁ ସରକାର ଆବଶ୍ୟକୀୟ ଅର୍ଥରାଶି ଯୋଗାଇ ଦେବେ ବୋଲି ଜଣାପଡ଼ିଛି । ବନ୍ୟା ପରବର୍ତ୍ତୀ ରୋଗରୁ ରକ୍ଷା ପାଇବା ପାଇଁ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଶୋଧନ କାର୍ଯ୍ୟ ଜାରି ରହିଛି । ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ଘାଇ ସୃଷ୍ଟି ହୋଇଛି, ସେଠାରେ ଅଧିକ ମଜବୁତ ଘାଇ ନିର୍ମାଣ କରିବାକୁ କୁହାଯାଇଛି, ଯାହାଫଳରେ ଭବିଷ୍ୟତରେ ଏଭଳି ବିପଦକୁ ଏଡ଼ାଯାଇପାରିବ। ରାଜ୍ୟର ଏହି ସଙ୍କଟ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ରାଜ୍ୟ ସରକାର ସହାୟତା ରାଶି ମାଗିବା ପୂର୍ବରୁ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଅଗ୍ରିମ ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ବନ୍ୟା ସମୟରେ ଚାଲିଥିବା ରାଜନୈତିକ ବୟାନବାଜିକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ‘ଯେଉଁମାନେ କେବଳ ବୟାନବାଜି କରନ୍ତି ସେମାନେ ପ୍ରକୃତରେ କାମ କରନ୍ତି ନାହିଁ। କିନ୍ତୁ ଯେଉଁମାନେ ଚୁପ୍ ରହି କାମ କରନ୍ତି, ସେମାନେ ହିଁ ଲୋକଙ୍କ ସେବା କରିଥାନ୍ତି।‘ ବିପତ୍ତି ସମୟରେ ରାଜନୀତି ନକରି ସେବା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି ।

## ବଡ଼ ଷଡ଼୍‌ଯନ୍ତ୍ର ...

ସବୁଠାରୁ ଚକିତ କଲାଭଳି ତଥ୍ୟ ହେଉଛି, ଏହି ଆତଙ୍କବାଦୀ ଗୋଷ୍ଠୀର ସିଧାସଳଖ ସମ୍ପର୍କ ପାକିସ୍ତାନ ସହ ରହିଥିଲା ଏବଂ ସେମାନଙ୍କ ହିଟ୍‌ଲିଷ୍ଟରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ ଥିଲେ । ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଝଞ୍ଜରର ଆଇଜି ଗୌରବ ଶର୍ମା ଏହି ରହସ୍ୟ ଉନ୍ମୋଚନ କରିଛନ୍ତି । ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନର ବାସିନ୍ଦା ହମିମ୍ ମଣ୍ଡଳ ଏବଂ ଝାଡ଼ଖଣ୍ଡ ସାହେବଗଞ୍ଜର ଅର୍ପିତା ସରକାର । ଏହି ମାମଲାର ଆରମ୍ଭ ହାଓ୍ୱଡ଼ାର ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ମିଳିଥିବା ଏକ ଧମକପୂର୍ଣ୍ଣ କଲ୍‌ରୁ ହୋଇଥିଲା, ଯେଉଁଥିରେ ତାଙ୍କ ପୁଅକୁ ଅପହରଣ କରିବାକୁ ଯୋଜନା କରାଯାଇଥିଲା । ତଦନ୍ତ ବେଳେ ପୁଲିସ ଝାଡ଼ଖଣ୍ଡରୁ ପରିଚାଳିତ ଏକ ସନ୍ଦିଗ୍ଧ ସୋସିଆଲ ମିଡିଆ ହ୍ୟାଣ୍ଡଲ ବିଷୟରେ ଜାଣିବାକୁ ପାଇଥିଲା, ଯାହା ସେମାନଙ୍କୁ ହମିମ୍ ମଣ୍ଡଳ ପର୍ଯ୍ୟନ୍ତ ନେଇଯାଇଥିଲା ।

ସୋମବାର, ଅଗଷ୍ଟ ୦୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଳସ୍ତର କମିଛି ହେଲେ ଲୋକଙ୍କ ଦୁର୍ଦ୍ଦଶା କମୁନି

ବସ୍ତା ୨/୮(ନିପ୍ର): ଜଳକା ନଦୀର ଜଳସ୍ତର ଯେତିକି କମୁଛି, ତଳିଆ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ସେତିକି ବଢୁଛି, ଦୃର୍ଦ୍ଦଶା କମିବାର ନାମ ଧରୁନି। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟା ପାଣି ଲହଡି ମାରୁଥିବା ବେଳେ ବିଭିନ୍ନ ସ୍ଥାନରେ ନିଷ୍କାସନ ହୋଇ ନ ପାରି ରାସ୍ତାଘାଟରେ ଏବେ ବି ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି, ଅନେକ ଲୋକଙ୍କ ଘରେ ବନକ୍ସା ପାଣି ପ୍ରବେଶ କରିଥିବା ବେଳେ କାନ୍ଥ ଭୂଷୁଡି ପଡିଛି, ପାଣି ଛାଡିବା ପରେ ଉଜୁଡା ଘରକୁ ପୂଣି ସଜାଡିବା ଆରମ୍ଭ କରି ଛନ୍ତି ହେଲେ ଚାରିଆଡେ ପାଣି ହୋଇଥିବାରୁ ଗୋରୁ ଗାଈ ଭୋକ ଉପାସରେ ରହୁଛନ୍ତି,ବସ୍ତା ବ୍ଲକ ଅନ୍ତର୍ଗତ ତଳ ବାଲିସାହି ଓ ବିଭିନ୍ନ ଗ୍ରାମରେ ଏବେ ବି ଅନେକ ଲୋକେ ଜଳବନ୍ଦୀ ଅବସ୍ଥାରେ ରହି ଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିନି,ପ୍ରଶା ସନ ପକ୍ଷରୁ ଶୁଖିଲା ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ମିଳି ନଥିବାରୁ ବନ୍ୟା ପ୍ରପିଡୀତ ମାନେ ଭୋକ ଉପାସରେ ଦିନ ବିତାଉଛନ୍ତି। ଗୋରୁ ଗାଈ ଏବଂ ଗୃହ ପାଳିତ ପଶୁ ମାନେ ସେମିତି ଛିଡା ହୋଇ ରହିଛନ୍ତି, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ,ଆଜି ସମାଜସେବୀ ଯୋଗେନ୍ଦ୍ର ରାଜ ସେମାନଙ୍କ ନିକଟରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ଯୋଗାଇ ଦେଇ ଥିବା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି, ସମାଜସେବୀଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଉଥିବା ବେଳେ ସରକାର ଓ ପ୍ରଶାସନ



ବନ୍ୟା ପିଡ଼ିତା ଘୋର ଅସନ୍ତୋଷ ପ୍ରକାଶ କରିବା ସମାଲୋଚନା କରୁଥିବା ଦେଖିବାକୁ ମିଳିଛି।

# ସିପିଆଇ(ଏମ) ପକ୍ଷରୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନ

ଭଦ୍ରକ, ୨/୮ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ବିଭିନ୍ନ ପଞ୍ଚାୟତ ଯଥା ଘଟପୁର, ମାଧପୁର, ଆରଡି, ନାନ୍ଦପୁର, ସୁନ୍ଦରପୁର ଆଦି ପଞ୍ଚାୟତରେ ବନ୍ୟାକ୍ଲିଷ୍ଟ ପରିବାର ଗୁଡିକୁ ଶୁଖିଲା ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯିବା ସହ ବନ୍ୟା ଘେରରେ ଭୋକରେ ରହିଥିବା ପରିବାର ଗୁଡିକୁ ରନ୍ଧା ଖାଦ୍ୟ ଯୋଗାଇ ଦେବା,ମାସକ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦେବା, ଗୋଖାଦ୍ୟ ଯୋଗାଇଦେବା,ମାଟି ଘର ହରାଇଥିବା ସମସ୍ତ ପରିବାରକୁ ପକ୍କା ଘର ତୁରନ୍ତ ଯୋଗାଇ ଦେବା, କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଏକର ପିଛା ୨୫୦୦୦ ଟଙ୍କା କ୍ଷତିପୂରଣ ଯୋଗାଇ ଦେବା, ଗୋରୁ ଗାଇ, ଛେଳି ମେଣ୍ଢା ହରାଇଥିବା ପରିବାର ଗୁଡିକୁ ପର୍ଯ୍ୟାପ୍ତ କ୍ଷତିପୂରଣ, ବନ୍ୟା ଜଳଯୋଗୁ ମାଟି କାନ୍ଥ ପଡି ଆହତ ହୋଇଥିବା ପରିବାର ଗୁଡିକୁ ପାଞ୍ଚ ଲକ୍ଷ ଟଙ୍କା କ୍ଷତିପୂରଣ, ରିଲିଫ ଯୋଗାଣରେ ରାଜନୈତିକ ପାତର ଅନ୍ତର ବଂଦ କରିବା ଆଦି ସିପିଆଇଏମ ପକ୍ଷରୁ ଦାବି କରାଯାଇଛି । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ ପରିବାରକୁ ସିପିଆଇ(ଏମ)ର ନେତୃବୃନ୍ଦ ଏକ ଡଙ୍ଗାରେ ଯାଇ ଭେଟି ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି । ଏହି ପ୍ରତିନିଧି ଦଳରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଆଇନଜୀବି ବିକାଶ ନାଥ, ବରିଷ୍ଠ ନେତା ବ୍ରହ୍ମାନନ୍ଦ ପରିଡା, ଯୁବ ନେତା ବାବୁଲାଲ ସାହୁ, ଯୁବ ସମାଜସେବୀ ରାଜେନ୍ଦ୍ର ପାଣି, ଯୁବନେତା ବିବେକାନନ୍ଦ ଦାସ, ରାମଚନ୍ଦ୍ର ବିଶ୍ୱାଳ,ସନାତନ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ରିଲିଫ ବଣ୍ଟନ ସହିତ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ଡବଲ୍ ଇଞ୍ଜିନ୍ ସରକାର ସଂପୂର୍ଣ୍ଣ ବିଫଳ ବୋଲି ସିପିଆଇ(ଏମ) ନେତା ବିକାଶ ନାଥ ତୀବ୍ର ସମାଲୋଚନା କରିବା ସହ ଓଡିଶାର ଅଧେ ଜିଲ୍ଲା ବନ୍ୟା ଜଳରେ ଭାସୁଥିବା ବେଳେ ଓଡିଶାର ବିଜେପି ରାଜ୍ୟ ସଭାପତି ଙ୍କ ସମେତ ରାଜ୍ୟ ନେତା ମାନେ ଦିଲ୍ଲୀରେ ମଜାମସ୍ତି କରିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ବନ୍ୟା ପରିସ୍ଥିତିର ସଠିକ୍ ସରକାରୀ ଆକଳନ ହୋଇ ଚାଷୀ ଓ ସାଧାରଣ ଜନତା ଙ୍କୁ ଉପଯୁକ୍ତ କ୍ଷତିପୂରଣ ନମିଳିଲେ ସିପିଆଇ(ଏମ) ପକ୍ଷରୁ ଅଗଷ୍ଟ, ୧୦ ରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସିପିଆଇ(ଏମ) ଯୁବନେତା ବିକାଶ ନାଥ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ଜନସେବାରେ ବ୍ରତୀ ପୂର୍ବତନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ

ନୀଳଗିରି , ୨/୮ (ନି.ପ୍ର): ଓଡିଶା ସରକାରଙ୍କ ବିଭିନ୍ନ ବିଭାଗରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟକରି ଗତମାସ ଇଡକୋର ଚେୟାରମେନ୍ ପଦରୁ ଅବସରଗ୍ରହଣ କରିଛନ୍ତି ନୀଳଗିରି ମାଟିର ପୁଅ ସରୋଜ କୁମାର ସେଠୀ। ଅବସରପରେ ଅବଶିଷ୍ଟ ଜୀବନ ଜନ୍ମମାଟିର ଗରୀବ, ଖଟିଖିଆ, ସାଧାରଣଜନତାଙ୍କ ସେବାରେ ନିଜର ପ୍ରଶାସନିକ ଜୀବନର ଅଭିଜ୍ଞତାକୁ ଭିତ୍ତିକରି କାର୍ଯ୍ୟକରିବା ଲକ୍ଷ୍ୟରେ ଆଗକୁ ପାଦ ବଢାଇଛନ୍ତି। ତେବେ ପ୍ରଶାସନିକ ସେବାରେ ଥାଇମଧ ସମୟ ମିଳିଲେ ଅଧିକାଂଶ ସମୟରେ ନୀଳଗିରି ଅଞ୍ଚଳରେ ପହଞ୍ଚି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ଦେଖିବାକୁ ମିଳିଥିଲା। ତେବେ ଚଳିତ ଲଘୁଚାପଜନିତ ଲଗାଣବର୍ଷାରେ ସମଗ୍ର ଓଡ଼ିଶା ଜଳାର୍ଣ୍ଣବ ହୋଇ ମହାବିପତ୍ତି ଦେଖାଦେଇଥିବା ବେଳେ ନୀଳଗିରି ଉପଖଣ୍ଡର ଶତାଧିକ ଅଞ୍ଚଳର ଲୋକମାନଙ୍କର ବହୁ ଧନଜୀବନ ନଷ୍ଟହେବା ସହିତ କ୍ଷୟକ୍ଷତି ହୋଇଥିଲା। ଏପରି ସ୍ଥିତିରେ ପୂର୍ବତନ ଜିଲ୍ଲାପାଳ ତଥା ଇଡକୋର ପୂର୍ବତନ ଚେୟାରମେନ୍ ସରୋଜ ସେଠୀ ଗାଁ କୁ ଗାଁ ବୁଲି ଲୋକଙ୍କ ଦୁଃଖରେ ସମଭାଗି ହେବାସହିତ କିପରି ତୁରନ୍ତ ସରକାରୀ ସାହାଯ୍ୟ ମିଳିପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟତଃ ବ୍ଲକର ଅଯୋଧ୍ୟା, ବାଲିପାଳ , ତିନିଦେଶ, ନରସିଂହପୁର ପ୍ରଭୃତି ଅଞ୍ଚଳବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ଏତଭିନ୍ନ ବ୍ଲକର ଭଉଁରିଆବାଡ ପଞ୍ଚାୟତ ତୁଳସୀଡିହା ଗ୍ରାମର ୪ଥରର ସରପଞ୍ଚ ଆଦିବାସୀନେତା ରଘୁନାଥ ସିଂଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ କିଛି ଆର୍ଥିକ ସାହାଯ୍ୟ କରିଥିବା ଜଣାଯାଇଛି। ସରୋଜ ସେଠୀଙ୍କ ଏହି ଗସ୍ତକାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ଭୁଗୁଡ଼ି, କମଳକିଶୋର ପଣ୍ଡା, ରତିକାନ୍ତ ବେହେରା, ରାଜୀବ ସିଂ, ମନୋଜ କୁମାର ସିଂ ପ୍ରମୁଖ ବହୁ ଶୁଭେଚ୍ଛୁ ସହଯୋଗ କରିଥିବା ଦେଖାଯାଇଥିଲା। ଶ୍ରୀଯୁକ୍ତ ସେଠୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ଦ୍ୱିତୀୟ ଜାତୀୟ ନାଟ୍ୟମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ମହାବିଦ୍ୟାଳୟ ସ୍ତରରେ ନୃତ୍ୟ ଓ ମଞ୍ଚ ସଂଚାଳନା ପ୍ରତିଯୋଗିତା

ବାରିପଦା , ୨/୮ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ଦ୍ୱାରା ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟମହୋତ୍ସବ ଅବସରରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ମହାବିଦ୍ୟାଳୟ ସ୍ତରରେ ନୃତ୍ୟ ଓ ମଞ୍ଚ ସଞ୍ଚାଳନା ପ୍ରତିଯଯୋଗିତା ଜୁଲାଇ ୩୧ ତାରିଖ ଦିନ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯଯୋଗିତାକୁ ଅନୁଷ୍ଠାନିକ ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସାଗରିକା ସିଂ ଉଦଘାଟନ କରିଥିବା ବେଳେ ପ୍ରତିଯଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଜାତୀୟ ନାଟ୍ୟମହୋତ୍ସବର ଆବାହକ ତଥା ସାଧାରଣ ସମ୍ପାଦକ, ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ। କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ ସର୍ବଶ୍ରୀ ଜୟନ୍ତ ସେନାପତି, ସୁଶ୍ରୀ ଅନୁବାଳା ମହାନ୍ତି, ଶ୍ରୀମତୀ ବର୍ଣ୍ଣରୂପା ମହାନ୍ତି, ଶ୍ରୀମତୀ ମୂର୍ଚ୍ଛନା ମହାନ୍ତି, ଶ୍ରୀ ପ୍ରୟାଶ ଶତପଥି ଓ ଶ୍ରୀ ପ୍ରଦୀପ କୁମାର ସରଘରିଆ। ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ସେମାଙ୍କର ଉତ୍କର୍ଷତା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କଳାପ୍ରେମୀ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ବିଜେତା ମାନଙ୍କ ନାମ ଘୋଷଣା ସହ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ମହୋତ୍ସବ ଅବସରରେ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରୀୟ ନାଟକ ଲିଖନ ପ୍ରତିଯଯୋଗିତା ସାଙ୍ଗକୁ ହାଇସ୍କୁଲ ସ୍ତରୀୟ ଏକକ ଅଭିନୟ, ମୁକ ଅଭିନୟ, ନୃତ୍ୟ ଓ ମଞ୍ଚ ସଂଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମିଡ଼ିଆ ସଂଯୋଜକ ଶ୍ରୀ ସୋମନାଥ ସିଂହ ପ୍ରକାଶ କରିଛନ୍ତି।



# ବନ୍ୟା ବିପର୍ଯ୍ୟୟର ତଦାରଖ ପାଇଁ ପ୍ରଦେଶ କଂଗ୍ରେସ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ସଦର ବ୍ଲକ ପରିଦର୍ଶନ

ବାଲେଶ୍ୱର, ୨/୮ (ନି.ପ୍ର): ଚଳିତ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱରରେ ବନ୍ୟା ପରିସ୍ଥିତି ସାଂଘାତିକ ହୋଇଛି। ଏହି ବନ୍ୟାରେ ବାଲେଶ୍ୱର ସଦର ବ୍ଲକ ଅଧିନସ୍ଥ ବହୁ ପଞ୍ଚାୟତ ପାଣି ଘେରରେ ରହିବା ସହ ଲୋକମାନଙ୍କର ଘର ଦ୍ୱାର ଭାଙ୍ଗିଯାଇଛି। ବନ୍ୟା କମିଥିଲେ ବି ଧନଜୀବନ ବିପର୍ଯ୍ୟସ୍ତ ହେବା ସହ ଭୋକ ଉପବାସରେ ଲୋକେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ ସବୁଅଞ୍ଚଳରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏଥିପାଇଁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ବିପର୍ଯ୍ୟୟର ତଦାରଖ ପାଇଁ କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ ସଦର ବ୍ଲକର ବନ୍ୟା ପ୍ରଭାବିତ କେତେକ ଅଞ୍ଚଳ ରବିବାର ପରିଦର୍ଶନ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେସନ ଛକ ଠାରେ ଦିବା ୧୦ ଘଟିକା ୩୦ ମିନିଟ୍ ରେ ପହଞ୍ଚିବା କ୍ଷଣି ସଦର, ରେମୁଣା ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ ମାନେ ସ୍ୱାଗତ ଜଣାଇଥିଲେ। ପରେ ସ୍ୱତନ୍ତ୍ର ଟିମ୍ ସଦର ବ୍ଲକ ଅନ୍ତର୍ଗତ ବଇଁଚା ପଞ୍ଚାୟତର ବାଲିସାହି, ସିନ୍ଧିଆ ପଂଚାୟତର ଡୁମୁରିଆ ପ୍ରଭୃତି ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ ତତ ସହିତ ଶୁଖିଲା ଖାଦ୍ୟ ମଧ ବଣ୍ଟନ କରିଥିଲେ ଏହି ପରିଦର୍ଶନ ସମୟରେ ବିଧାୟକ ଶ୍ରୀଯୁକ୍ତ ଦାସଙ୍କ ସହିତ ରାଜ୍ୟ କଂଗ୍ରେସ ସେବାଦଳ ସଭାପତି ସୁଭେନ୍ଦୁ ମହାନ୍ତିଙ୍କ ସମେତ ଅନ୍ୟ ସେବା ଦଳର କର୍ମକର୍ତ୍ତା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜୟସ୍ମିତା ମହାନ୍ତି,ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସଦର ନିର୍ବାଚନ ମଣ୍ଡଳୀର ଯୁବନେତା ସରୋଜ କୁମାର ଲେଙ୍କା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ବାସନ୍ତୀ ସାମଲ, ଜ୍ୟୋତ୍ସ୍ନା ସେନାପତି, ଶ୍ରୀକାନ୍ତ ବୁଗୁଡାଇ, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଅଜଗର ଅଲ୍ଲୀ ନିଶିଥ ବାରିକ, ଗୋପୀନାଥ ପାଢ଼ୀ, ଗୁରୁ ପ୍ରଶନ୍ନ ମିଶ୍ର, କେଶବ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ଉପଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ଅଞ୍ଚଳ ର ଲୋକଙ୍କ ଦୁର୍ଦ୍ଦଶା ଏବଂ ଅସୁବିଧା ଅବଗତ କରାଇଥିଲେ।



# ମଛପଦା ହାଇସ୍କୁଲରେ ପ୍ରଧାନଶିକ୍ଷକଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସଭା

ବୈଶିଙ୍ଗା , ୨/୮ (ନି.ପ୍ର): ବେତନଟୀ ବ୍ଲକ ଅଧିନ ସନ୍ତରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଶିକ୍ଷାନିକେତନ, ମଛପଦା ର ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ପ୍ରଧାନଙ୍କ ପାଇଁ ଏକ ସେବା ନିବୃତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୃଷ୍ଟି ଙ୍କ ସଭାପତିତ୍ୱ ରେ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ର ପୂର୍ବତନ ସଭାପତି ତଥା ଶିକ୍ଷାବିତ ବଳରାମ ସାହୁ, ମୁଖ୍ୟ ବକ୍ତା ଭାବରେ ଗୌରହରି ଦତ୍ତ,ସମ୍ମାନନୀୟ ଅତିଥି ଭାବରେ ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭପତି ଶିଶିର କୁମାର ନାୟକ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ସନ୍ତରା ହାଇସ୍କୁଲ୍ ର ପୂର୍ବତନ ପ୍ରଧାନ ଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରତିକାନ୍ତ ମହାନ୍ତ, ଗଡଦେଉଳିଆ ହାଇସ୍କୁଲ ର ପୂର୍ବତନ ଶିକ୍ଷକ ଉମାକାନ୍ତ ବେହେରା, ପୂର୍ବତନ ସି ଆର ସି ସି ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଯୁକ୍ତ ପ୍ରଧାନ ଉକ୍ତ ବିଦ୍ୟାଳୟ ରେ ୧୯୯୨ ରୁ କାର୍ଯ୍ୟ ଆରମ୍ଭ କରି ଏହି ବର୍ଷ ମେ ମାସରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଉଦ୍ଦେଶ୍ୟରେ ଆଜି ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଆଜିର ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟା ର ସହ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ର ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅରୁଣ କୁମାର ସାହୁ, ଅମୀୟ କୁମାର ପରିଡ଼ା ପରିଡ଼ା, ଅନନ୍ତ ମହାପାତ୍ରଓ କର୍ମଚରି ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ଏଥିରେ ସହଯୋଗ କରିଥିଲେ।ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ର ଛାତ୍ରୀ, ବର୍ତ୍ତମାନ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ସର୍ବଶେଷରେ ଶିକ୍ଷକ ଜଗନ୍ନାଥ ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ବାରାମୂଳାରେ ଆତଙ୍କବାଦୀ ସହଯୋଗୀ ଗିରଫ: ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉଦ୍ଧାର

ନୂଆଦିଲ୍ଲୀ,୨/୮ : ରବିବାର ଦିନ ଜାମ୍ମୁ କାଶ୍ମୀରର ବାରାମୂଳାରେ ସୁରକ୍ଷା ବାହିନୀ ଜଣେ ଓଭର ଗ୍ରାଉଣ୍ଡ ୱାର୍କର (ଓ. ଜି. ଡବ୍ଲ୍ୟୁ.) ଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ୪୬ ରାଷ୍ଟ୍ରୀୟ ରାଇଫଲ୍ସ, ପୋଲିସ୍ ଏସ୍. ଓ. ଜି., ୫୩ ବାଟାଲିଅନ୍ ସି. ଆର୍. ପି. ଏଫ୍. ଏବଂ ୧୧୨ ବାଟାଲିଅନ୍ ବି. ଏସ୍. ଏଫ୍. ର ସୈନ୍ୟବାହିନୀ ଦ୍ୱାରା ନରୱାବର ଜାନ୍ଦଫରାନ୍-ଗୋରିୱାନ୍ କ୍ରସିଂରେ ଏକ ମିଳିତ ନାକା ସ୍ଥାପନ କରାଯାଇଥିଲା।

# ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବା ଖେଳାଳିଙ୍କୁ ନବୀନଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୨/୮ (ନି.ପ୍ର): ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଥିବା ଖେଳାଳିଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ଗ୍ଲାସଗୋରେ ସ୍ୱର୍ଣ୍ଣ ବର୍ଷା । ନବୀନ କହିଛନ୍ତି ଯେ, ଗ୍ଲାସଗୋରେ ଆୟୋଜିତ କମନୱେଲ୍ଥ ଗେମ୍ସ ୨୦୨୬ରେ ମହିଳା ୭୦ କିଲୋଗ୍ରାମ, ୬୦ କିଲୋଗ୍ରାମ ଏବଂ ୫୧ କିଲୋଗ୍ରାମ ବକ୍ସିଂ ବିଭାଗରେ ଯଥାକ୍ରମେ ଅରୁନ୍ଧତୀ ଚୌଧୁରୀ, ପ୍ରିୟା ଘଂଘାସ ଏବଂ ସାକ୍ଷୀ ଚୌଧୁରୀ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଭାରତୀୟ ବକ୍ସରମାନେ ନିଜର ଅସାଧାରଣ ଦକ୍ଷତାର ପ୍ରଦର୍ଶନ କରି ଦେଶ ପାଇଁ ସ୍ୱର୍ଣ୍ଣିମ ଗୌରବ ଆଣିଛନ୍ତି।

# ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଭଦ୍ରକ, ୨/୮ (ନି.ପ୍ର): ଭଦ୍ରକ ବିଧାୟକ ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କରିଥିଲେ ଭଦ୍ରକ ପୌରପାଳିକାର ୧୦ ନମ୍ବର ୱାର୍ଡ଼ ଅନ୍ତର୍ଗତ ଜଗନ୍ନାଥପୁର ଗୁଲା ସାହି ବାଉଦପୁରୁରେ ବନ୍ୟା ପ୍ରଭାବରେ ବନ୍ଧରେ ଘାଇ ସୃଷ୍ଟି ହୋଇ ନଦୀ ଜଳ ଗ୍ରାମ ମଧ୍ୟକୁ ପ୍ରବେଶ କରୁଥିବା ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କଲି। ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସର୍ବାଗ୍ରେ ରଖି ସାଳନ୍ଦୀ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ବନ୍ଧର ମରାମତି ଏବଂ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲି।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer : ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

With Best Compliments from:
Best Wishes for 36 Annual Day celebration of Dhwani Pratidhwani & Sagarika 2026.
Krishna Medical Rairangpur
Prop : S.S. Mandal
Mob : 7008789852

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida